# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୯ ମାର୍ଚ୍ଚ ୨୦୨୬

----

**[ଅର୍ଥ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର - ସ୍ୱରାଷ୍ଟ୍ର - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 268**

----

### ମଧୁମେହ ରୋଗର ନିରାକରଣ

**2007 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ବିଗତ 10 ବର୍ଷରେ ସ୍ୱାସ୍ଥ୍ୟ ବିଭାଗ ଅଧିନରେ ନିର୍ଦ୍ଦେଶାଳୟମାନଙ୍କ ମାଧ୍ୟମରେ ମଧୁମେହ ରୋଗର ବୃଦ୍ଧି ହାର, କୋଲେଷ୍ଟରାଲ୍ ପରିଚାଳନା, ପୋଷଣ ଅଭାବ ଏବଂ ଅନ୍ୟାନ୍ୟ ସଂକ୍ରାମକ ରୋଗଗୁଡିକୁ ନିୟନ୍ତ୍ରଣ କରିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲ୍ ଗୁଡିକରେ ଡାଏଟିସିଆନ୍ (ପୋଷଣବିତ୍) ମାନଙ୍କର ନିଯୁକ୍ତି ପାଇଁ କଣ କଣ ମାନଦଣ୍ଡ ଅଛି ; ସରକାରୀ ସ୍ତରରେ ତାଙ୍କ ପାଇଁ ଏକ ଅଲଗା କ୍ୟାଡର ସୃଷ୍ଟି କରିଛନ୍ତି କି ; ପୋଷଣ ବିଷୟରେ ଗବେଷଣା ପାଇଁ ସେମାନଙ୍କୁ ଅନ୍ୟ ଦେଶକୁ ଡେପୁଟେସନରେ ପଠାଯାଉଛି କି?

----

### ନାବାଳିକାଙ୍କ ଉଦ୍ଧାର

**2008 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ ରାଜ୍ୟର କେଉଁ ପୋଲିସ୍ ଜିଲ୍ଲା ସହିତ କମିଶନରେଟ୍ ପୋଲିସ୍ ଅଧିନସ୍ଥ ଅଞ୍ଚଳରୁ କେତେଜଣ ନାବାଳିକା, ମହିଳା ଓ ଶିଶୁ ନିଖୋଜ ହୋଇଥିବା ଘଟଣା ଦୃଷ୍ଟିକୁ ଆସିଥିଲା ବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ଉଦ୍ଧାର କରାଯାଇଛି ଓ କେତେଜଣ ଅଦ୍ୟାବଧି ନିରୁଦ୍ଦିଷ୍ଟ ଅଛନ୍ତି ଓ ସେମାନଙ୍କୁ ଉଦ୍ଧାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ସରକାରୀ ବାସଗୃହ ଉଚ୍ଛେଦ

2009 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜଧାନୀ ଭୁବନେଶ୍ୱର ଓ କଟକରେ କେତେଜଣ ସରକାରୀ କ୍ୱାର୍ଟର ଧାର୍ଯ୍ୟ ସମୟ ପରେ ଦଖଲରେ ରଖିଛନ୍ତି ଓ ସେମାନଙ୍କ ଦଖଲ ଯୋଗୁଁ ଅନ୍ୟମାନେ ସରକାରୀ ବାସଗୃହ ପାଇବାରୁ ବଞ୍ଚିତ ହେଉଥିବା ପରିପ୍ରେକ୍ଷୀରେ ବେଆଇନ୍ ଭାବରେ ସରକାରୀ ବାସଗୃହ ରଖିଥିବା ବ୍ୟକ୍ତିଙ୍କୁ ଉଚ୍ଛେଦ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଆସିକା ଠାରେ ମେଡିକାଲ କଲେଜ ସ୍ଥାପନ

2010 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆସିକା ସହର ହେଉଛି ଅବିଭକ୍ତ ଗଂଜାମ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ; ଏହାର ଲୋକ ସଂଖ୍ୟା କୋଡିଏ ଲକ୍ଷରୁ ଉର୍ଦ୍ଧ୍ୱ ଅଟେ ; ଦକ୍ଷିଣ ଓଡିଶାର ଅବିଭକ୍ତ ଗଂଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ଏକମାତ୍ର ମେଡିକାଲ ହସ୍ପିଟାଲ ଓ କଲେଜ ଅଛି ; ଯାହାକି ରୋଗୀମାନେ ଆବଶ୍ୟକୀୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ; ଯାହାକି ସରକାରୀ ତଥ୍ୟ ଅନୁଯାୟୀ ଗୋଟିଏ ଶଯ୍ୟାକୁ ତିନିଜଣ ରୋଗୀ ହେଉଛନ୍ତି ; ଏଣୁ ଭୌଗୋଳିକ ଓ ଜନସାଧାରଣଙ୍କ ଆବଶ୍ୟକତା ଦୃଷ୍ଟିରୁ ଆସିକା ଠାରେ ଗୋଟିଏ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ନିମନ୍ତେ ଜରୁରୀ ଥିବାରୁ ଯାହାକି ପର୍ଯ୍ୟାପ୍ତ ପରିମାଣର ସରକାରୀ ଜାଗାର ଉପଲବ୍ଧ ଅଛି ; ଏଣୁ ସରକାର ଆସିକା ଠାରେ କେବେ ମେଡିକାଲ କଲେଜ ସ୍ଥାପନ କରିବେ?

----

## ଆସିକା ଉପଖଣ୍ଡ ଡାକ୍ତରଖାନାରେ ଖାଲିଥିବା ଡାକ୍ତର ଓ ନର୍ସ ପଦବୀ ପୂରଣ

2011 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦକ୍ଷିଣ ଓଡିଶାର ଦ୍ୱିତୀୟ ବୃହତ୍ତମ ସହର ତଥା ଜଙ୍ଗସନ୍ ରୂପେ ପରିଣତ ପୁରାତନ ସହର ଆସିକାର ଡାକ୍ତରଖାନାକୁ ଗତ 2017 ମସିହା ଅକ୍ଟୋବର 17 ତାରିଖରେ ରାଜ୍ୟ ସରକାର ଉକ୍ତ ଡାକ୍ତରଖାନାକୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ଦେଇଛନ୍ତି ; ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ନଥିବା ଯୋଗୁଁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ; ଏଣୁ ସରକାରୀ ମଂଜୁରୀପ୍ରାପ୍ତ ସଂଖ୍ୟକ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ସହ ଗୋଟିଏ ମହା ପରାୟଣ ସ୍ୱର୍ଗଦ୍ୱାର ଯାନ ଯୋଗାଇବେ କି?

----

## ମେଡିକାଲ କଲେଜ ସ୍ଥାପନ

**2012 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟ ସରକାର 2024-25 ଓ 2025-26 ବର୍ଷରେ କେଉଁ କେଉଁ ସ୍ଥାନରେ କେଉଁ କେଉଁ ମେଡିକାଲ କଲେଜମାନ ପ୍ରତିଷ୍ଠା କରିଛନ୍ତି ଓ ସେହି ସେହି କଲେଜମାନଙ୍କରେ ନାମଲେଖା କେବେ ଆରମ୍ଭ ହେବ କହିବେ କି ; (ଖ) କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ନିରନ୍ତର ଆନ୍ଦୋଳନ ହେଉଥିବା ଦୃଷ୍ଟିରୁ ଏଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାର 2026-27 ଆର୍ଥିକ ବର୍ଷରେ ବିଚାର କରିବେ କି?

----

## ଅର୍ଥ ହସ୍ତାନ୍ତର

**2013 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିଶ ତୁଳନାରେ ଷୋଡଶ ଅର୍ଥ କମିଶନ ସୁପାରିଶରେ ଓଡିଶାକୁ ଅର୍ଥ ହସ୍ତାନ୍ତର ଶତାଂଶ ହ୍ରାସ ପାଇଥିବା ସତ୍ୟ କି ?

----

## ସେବା ବାବଦରେ ଅର୍ଥ ପ୍ରଦାନ

**2014 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟରେ ରୋଗୀଙ୍କୁ Free Diagnostic Services ନିମନ୍ତେ High end pathology Tests, Tele Radiology, CT-Scan, MRI, Dialysis services ଓ ଅନ୍ୟାନ୍ୟ କେଉଁ କେଉଁ ସେବା ପାଇଁ କେଉଁ କେଉଁ ସଂସ୍ଥା ସହ କି କି ସର୍ତ୍ତ ଆଧାରରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି ତାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, (ଖ) ମୟୁରଭଞ୍ଜ ଜିଲ୍ଲାରେ ସେବା ଯୋଗାଣକାରୀ କେଉଁ ସଂସ୍ଥା କେତେ ସଂଖ୍ୟକ ରୋଗୀଙ୍କୁ Teleradiology, CT Scan, MRI, Dialysis Services High end pathology service ଓ ଅନ୍ୟାନ୍ୟ କେଉଁ କେଉଁ ସେବା ନିମନ୍ତେ କେଉଁ କେଉଁ ବାବଦକୁ କେଉଁ ହାରରେ କେଉଁ କେଉଁ ସଂସ୍ଥାକୁ କେତେ ଅର୍ଥ ପ୍ରଦାନ କରାଯାଇଛି ?

----

## ନୂତନ ଯନ୍ତ୍ରପାତି କ୍ରୟ

**2015 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ ଆର୍ଥିକ ବର୍ଷ (୨୦୧୯– ୨୦ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ) ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (NHM) ଏବଂ ଓଡିଶା ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ବର୍ଷୱାରି କେତେ ଅର୍ଥର ଅନୁଦାନ ମଞ୍ଜୁର କରାଯାଇଛି ଏବଂ ସେଥିରୁ ବର୍ଷୱାରି କେତେ ଅର୍ଥ କେଉଁ ବାବଦରେ ଖର୍ଚ୍ଚ କରାଯାଇଛି, ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି; (ଖ) ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ଓ SUB CENTER ଗୁଡ଼ିକ ପାଇଁ ଗତ ୫ ବର୍ଷରେ ବର୍ଷୱାରି କେତେ ଅର୍ଥ ବରାଦ କରାଯାଇଛି, PHC, CHC ଓ SUB CENTER ତାଲିକା ପ୍ରଦାନ କରିବା ସହ ଅନୁଦାନ ଅର୍ଥ କେଉଁ କେଉଁ ବାବଦରେ ଖର୍ଚ୍ଚ କରଯାଇଛି ତାହାର ଏକ ବବରଣୀ ପ୍ରଦାନ କରିବେ କି, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ପ୍ରତ୍ୟେକ CHC, PHC ଓ SUB-Center ରେ ଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ନୂତନ ଯନ୍ତ୍ରପାତି ଓ ସରଞ୍ଜାମ (Instruments & Equipment) କ୍ରୟ କରାଯାଇଛି ଏବଂ ସେଥିପାଇଁ କେତେ ଅର୍ଥ ବ୍ୟୟ ହୋଇଛି ?

----

## ଆୟୁଷ୍ମାନ ଯୋଜନାରେ ଖର୍ଚ୍ଚ

2016 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪-୨୫ ଏବଂ ୨୦୨୫-୨୬ ମସିହାରେ ଆୟୁଷ୍ମାନ ଯୋଜନାରେ ଓଡ଼ିଶା ସରକାର କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, ଏବଂ ଏଥିମଧ୍ୟରୁ କେତେ ଟଙ୍କା କେନ୍ଦ୍ର ସରକାର ଦେଇଛନ୍ତି ?

----

## Specialist ଡାକ୍ତର ପଦବୀ ପୂରଣ

2017 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ଓଡ଼ିଶାରେ ଡାକ୍ତର ପଦବୀ ସଂଖ୍ୟା କେତେ ଏବଂ କେତୋଟି ଡାକ୍ତର ପଦବୀ ବର୍ତ୍ତମାନ ଖାଲିଅଛି, ଚାନ୍ଦବାଲିରେ ଖାଲିଥିବା ସ୍ତ୍ରୀ ଓ ପ୍ରସୁତି ବିଭାଗର Specialist ପଦ କେବେ ପୂରଣ ହେବ ?

----

## ହତ୍ୟାକାଣ୍ଡର ତାଲିକା ପ୍ରଦାନ

2018 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ୨୦୨୪-୨୫ ଏବଂ ୨୦୨୫-୨୬ ମସିହାରେ ରାଜ୍ୟରେ କେତୋଟି ହତ୍ୟାକାଣ୍ଡ, ଡକାୟତି ଓ ଚୋରି ଘଟଣା ଘଟିଛି ?

----

## ମାଲକାନଗିରି ଜିଲ୍ଲା କାରାଗାର ସ୍ଥାନାନ୍ତର

2019 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲା କାରାଗାର ୱାର୍ଡ ନମ୍ବର ୩ର ସହର ମଧ୍ୟଭାଗରେ ଅବସ୍ଥିତ, କାରାଗାର ଚତୁଃପାର୍ଶ୍ୱରେ ଅବସ୍ଥିତ ବସ୍ତି ବାସିନ୍ଦାଙ୍କୁ ଏଲ ଆର ସି ପଟ୍ଟା ପ୍ରଦାନ କରାଯାଇଅଛି, ୨୦୦୨ ମସିହାରେ ତତ୍କାଳୀନ ଜିଲ୍ଲାପାଳଙ୍କ ଆଦେଶ ମୁତାବକ କାରାଗାରକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ସ୍ଥିରୀକୃତ ହୋଇଥିବା ସ୍ଥଳେ,କାର୍ଯ୍ୟକାରୀ ହେବାରେ ବିଳମ୍ବିତର କାରଣ କଣ ଏବଂ ଏହା କେବେ ଶୁଦ୍ଧ ସ୍ଥାନାନ୍ତରିତ ହେବ ପ୍ରକାଶ କରିବେ କି ?

----

## ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଡାକ୍ତର ଅଭାବ

2020 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଓ କୋରାପୁଟ ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ସମସ୍ତ ଅନୁମୋଦିତ ପଦବୀ ଏବଂ ଖାଲିଥିବା ପଦବୀ ଗୁଡିକର ତାଲିକା ପ୍ରଦାନ କରିବେ କି; ସରକାରୀ ଡାକ୍ତରଖାନାରେ କିପ୍ରକାରୁ ସମସ୍ୟାର ଅଭାବ ପାଇଁ ଡାକ୍ତରମାନେ ନିକଟସ୍ଥ ବେସରକାରୀ ଚିକିତ୍ସାଳୟକୁ ଯାଇ ସେବା ପ୍ରଦାନ କରୁଥିବା ସରକାର ଅବଗତ ଅଛନ୍ତି କି. କିଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତରଖାନାକୁ ସମସ୍ତ ଆବଶ୍ୟକତା ପୂରଣ କରି ବେସରକାରୀ ଡାକ୍ତରଖାନା ଠାରୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ରୋଡମେପ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବେ କି, ୨୦୨୬-୨୭ ଆର୍ଥିକ ବର୍ଷରେ ସରକାରୀ ଚିକିତ୍ସା କ୍ଷେତ୍ର ପାଇଁ କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ସରକାରଙ୍କ ଆଭିମୁଖ୍ୟ କଣ ରହିଛି ପ୍ରକାଶ କରିବେ କି ?

----

## Medical College ରେ P.G ସିଟ ଖୋଲିବା

2021 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଜିଲ୍ଲାରେ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ସରକାରୀ ମେଡିକାଲ କଲେଜ ଗୁଡିକରେ ପି.ଜି. ପାଠ୍ୟକ୍ରମ ସିଟ୍ ଖୋଲିବା ନିମନ୍ତେ National Medical Commission (NMC) ର ମାନଦଣ୍ଡ ଅନୁଯାୟୀ ଆବଶ୍ୟକୀୟ ଥିବା Infrastructure Development, Required Equipments with Diagnostic services and Specific Faculty ଇତ୍ୟାଦି ପୂରଣ ପାଇଁ ସରକାର କଣ ସବୁ ପଦକ୍ଷେପ ନେଉଛନ୍ତି ଏଥିସହିତ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ Cardiology, Neurology ଏବଂ Urology ଭଳି ଗୁରୁତର ରୋଗର ବିଭାଗ ଖୋଲିବା ନିମନ୍ତେ ସରକାର ପଦକ୍ଷେପ ନେବେ କି ?

----

## ଫକିରମୋହନ ମେଡ଼ିକାଲ College ର MRI, CT Scan ସେବା

2022 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପ୍ରତିଦିନ ବାଲେଶ୍ୱର, ମୟୁରଭଞ୍ଜ ସମେତ ପଶ୍ଚିମବଙ୍ଗର ପଡ଼ୋଶୀ ଜିଲ୍ଲାରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଫକୀରମୋହନ ମେଡ଼ିକାଲ କଲେଜକୁ ଆସୁଛନ୍ତି, କିନ୍ତୁ ସେଠାରେ MRI, CT scan ଭଳି ଅତ୍ୟାବଶ୍ୟକୀୟ ସେବା ଉପଲବ୍ଧ ନଥିବା ହେତୁ ପ୍ରାୟତଃ ୭କି.ମି ଦୂରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି ଫଳରେ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ତେଣୁ ଫକୀରମୋହନ ମେଡିକାଲ କଲେଜରେ କେବେ ସୁଦ୍ଧା MRI, CT Scan ସେବା ଉପଲବ୍ଧ କରାଯିବ ?

----

## ବେଆଇନ ବାଣ କାରଖାନା ଉପରେ ଚଢ଼ାଉ

2023 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ବିଗତ ଦୁଇ ବର୍ଷରେ ରାଜ୍ୟରେ ବାଣ ବିସ୍ଫୋରଣରେ କେତେଗୋଟି ଜୀବନ ହାନି ଘଟିଛି; କେତେଗୋଟି ବେଆଇର ବାଣ କାରଖାନା ଉପରେ ପ୍ରତିବନ୍ଧକ ଲାଗିବା ସହିତ ବେଆଇନ ବାଣ ପ୍ରସ୍ତୁତକାରୀ କେତେଜଣଙ୍କ ଉପରେ ମକଦ୍ଦମା ରୁଜୁ ହୋଇଛି ତାହାର ଜିଲ୍ଲାୱାରୀ ଏକ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ; ଏଥିସହିତ ଆଗାମୀ ଦିନରେ ଏଭଳି ବେଆଇନ କାରବାର କରି ସରକାର ପ୍ରତିବନ୍ଧକ ଲଗାଇବା ସହିତ ପ୍ରଶାସନର ଅନୁମତି ନେଇ ବାଣ ପ୍ରସ୍ତୁତ କରୁଥିବା କାରଖାନା ଗୁଡ଼ିକ ଆବଶ୍ୟକୀୟ ଗାଇଡଲାଇନ ପାଳନ କରୁଛନ୍ତି କି ନାହିଁ, ସେ ବାବଦରେ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି?

----

## CHC ଗୁଡ଼ିକରେ ଖାଲିଥିବା ଡ଼ାକ୍ତର ପଦବୀ ପୂରଣ

2024 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର)ः**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ C.H.C, ଗୁଡିକରେ ଆବଶ୍ୟକୀୟ ଡାକ୍ତରୀ ପଦବୀ ଖାଲି ପଡ଼ିଅଛି ଯାହାଦ୍ୱାରା ସ୍ୱାସ୍ଥ୍ୟ ସେବାରେ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହାର ପ୍ରତିକାର ପାଇଁ ଏହି ସବୁ C.H.C. ରେ ଡାକ୍ତର ପଦବୀ ପୂରଣ ପାଇଁ ବ୍ୟବସ୍ଥା କରିବେ କି ?

----

## ଆନନ୍ଦପୁର SDH ଡ଼ାକ୍ତରଖାନାର Digital X-Ray ସୁବିଧା

2025 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର)ः**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ SDH ଉପରେ ଚାରୋଟି ଜିଲ୍ଲା କେନ୍ଦୁଝର, ଯାଜପୁର ଭଦ୍ରକ ମୟୂରଭଞ୍ଜରୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସନ୍ତି, କିନ୍ତୁ ଯେଉଁ X-Ray Machine ଅଛି ତାହା ସଠିକ ଭାବେ କାର୍ଯ୍ୟକରୁ ନାହିଁ ରୋଗୀମାନଙ୍କୁ ବାହାରୁ X-Ray କରୁଛନ୍ତି ଏ ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ଅଛନ୍ତି ଏକ Digital X- ଟ୍ରୁଟି ଏ Ray ର ସୁବିଧା କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଥାନାଗୁଡ଼ିକରେ ଖାଲିଥିବା ପଦବୀ ପୂରଣ

2026 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ଉପଖଣ୍ଡରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ସହ ଦୈନନ୍ଦିନ ରାତ୍ରିକାଳୀନ ଡକାୟତି,ରାହାଯାନୀ ହେଉଥିବା କଥା ସତ୍ୟ କି, ଜିଲ୍ଲାରେ ଥାନାୱାରୀ ପୋଲିସ କର୍ମଚାରୀଙ୍କ ଅନୁମୋଦିତ ସଂଖ୍ୟା କେତେ ଏବଂ ବର୍ତ୍ତମାନ ସୁଦ୍ଧା କେତୋଟି ପଦବୀ ଖାଲି ପଡ଼ିଛି, ଏଥିସହିତ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥାନା ଗୁଡିକରେ କେତୋଟି ପଦବୀ ଖାଲି ପଡ଼ିଛି ଏବଂ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ଏବଂ ରାତ୍ରିକାଳୀନ ପେଟ୍ରୋଲିଙ୍ଗ ବୃଦ୍ଧି କରି ଡକାୟତି ଓ ଅପରାଧ ହ୍ରାସ ପାଇଁ ପଦକ୍ଷେପ ନେବେ କି ?

----

## କାର୍ଯ୍ୟରତ ଫାର୍ମାସୀ ଅଫିସରଙ୍କ ଦାବୀ ପୂରଣ

2027 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଡାକ୍ତରଖାନା ପରିଚାଳନା ଓ ଚିକିତ୍ସା କ୍ଷେତ୍ରରେ ଫାର୍ମାସୀ ଅଫିସର ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ସତ୍ତ୍ୱେ ସେମାନଙ୍କୁ ଦୀର୍ଘ ୨୪ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଥିବା ସରକାର ଅବଗତ ଅଛନ୍ତି କି, ଯଦି ଅଛନ୍ତି, ତେବେ ସେମାନଙ୍କର ବିଭିନ୍ନ ଦାବୀ ପୂରଣ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବେ କି ?

----

## ଫାର୍ମାସୀ ଅଫିସରଙ୍କ ବେତନ ବୈଷମ୍ୟ ଦୂରକରିବା

2028 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେଶର ସମସ୍ତ ରାଜ୍ୟ ତୁଳନାରେ ଆମ ରାଜ୍ୟର ଫାର୍ମାସୀ ଅଫିସରମାନେ ସର୍ବନିମ୍ନ ବେତନ ପାଉଥିବା ସତ୍ୟ କି ; ଯଦି 'ହଁ ଏହି ବେତନ ବୈଷମ୍ୟକୁ ଦୂରକରି ଅନ୍ୟ ସମସ୍ତ ରାଜ୍ୟମାନଙ୍କ ସହ ସମାନ କରିବାପାଇଁ ସରକାର କ'ଣ କ'ଣ ପଦକ୍ଷେପ ନେଉଛନ୍ତି ?

----

## ହରିଚନ୍ଦନପୁର CHC ର ପାଇଖାନା ଏବଂ ଗାଧୁଆଘର ମରାମତି କରିବା

2029 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ହରିଚନ୍ଦନପୁର CHC ର ପାଇଖାନା ଓ ଗାଧୁଆଘର ଭାଙ୍ଗିଯାଇ କାମ ହୋଇଥିବା କାରଣରୁ ରୋଗୀମାନେ ପାଇଖାନା ଯାଇ ନପାରି ନାହିଁ ନଥିବା ହିନସ୍ତା ଭୋଗୁଥିବା ବିଷୟରେ ସମ୍ପୃକ୍ତ Medical Superintendent ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା କଥା ସରକାରଙ୍କ ନଜରକୁ ଆସିଛି କି; ଯଦି ଉତ୍ତର 'ହଁ' ତେବେ କେବେ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ ହେବ ?

----

## ଡ଼ାକ୍ତର ପଦବୀ ପୂରଣ

2030 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାସୁଦେବପୁର ଏବଂ ତିହିଡ଼ି ବ୍ଲକ ଅଧିନରେ ଥିବା ଡ଼ାକ୍ତରଖାନା ଗୁଡ଼ିକରେ ଦୀର୍ଘଦୀନରୁ ଖାଲିପଡ଼ିଥିବା ଡ଼ାକ୍ତର ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଯଦି ଉତ୍ତର ହଁ ହୁଏ, ତେବେ କେବେ ସୁଦ୍ଧା ଏହି ପଦବୀ ଗୁଡ଼ିକ ପୂରଣ କରାଯିବ ?

----

## ଖର୍ଚ୍ଚର ପରିମାଣ

2031 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ୨୦୨୫ - ୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ( ଆଜି) ସୁଦ୍ଧା କେଉଁ କେଉଁ ବିଭାଗ କେତେ ଅର୍ଥ ଖର୍ଚ୍ଚ କରିପାରିଛି; (ଖ) ଯେଉଁ ବିଭାଗ 3rd Quarter ସୁଦ୍ଧା ଅର୍ଥ ଖର୍ଚ୍ଚ କରି ପାରିନାହାନ୍ତି, ସେହି ଅର୍ଥ ଅନ୍ୟ ବିଭାଗକୁ Supplement କରିବା ପାଇଁ ବ୍ୟବସ୍ଥା କରିଛନ୍ତି କି ?

----

## ଟ୍ରାଫିକ ସମସ୍ୟାର ସମାଧାନ

2032 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ସୋରୋ ସହରର ମୁଖ୍ୟ ଛକ ଯଥା ଉତ୍ତରଶ୍ୱର ଛକ ଓ ଡ଼ାକ୍ତରଖାନାର ଛକରେ ଟ୍ରାଫିକ ସମସ୍ୟା ବିଷୟରେ ବିଭାଗ ଅବଗତ ଅଛି କି; ଯଦି ହଁ ତେବେ ସନ୍ଧ୍ୟା ସମୟରେ ଟ୍ରାଫିକ ନିୟମ ନମାନି ରାସ୍ତା ପାର୍ଶ୍ୱରେ ମଧ୍ୟ ଅନେକ ଗାଡ଼ି ମୋଟର ରାସ୍ତା ଅବରୋଧ କରୁଥିବାରୁ ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଅଟକିଯାଇଥିବାର ଦେଖିବାକୁ ମିଳୁଛି, ଏଣୁ ସୂଚାରୁ ରୂପେ ଟ୍ରାଫିକ ନିୟନ୍ତ୍ରଣ କରିବା ନିମନ୍ତେ ସହର ପ୍ରତ୍ୟେକ ଛକ ଗୁଡ଼ିକରେ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରି ଯାତ୍ରୀଙ୍କ ଗମନାଗମନକୁ ସୁଗମ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବା ସହିତ ସୋରୋ ସହର ଟ୍ରାଫିକ ନିୟନ୍ତ୍ରଣ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି କାର୍ଯ୍ୟକାରୀ ଦିଗରେ ପଦକ୍ଷେପ ଗ୍ରହଣ କରିବେ କି ?

----

## Appointment of Doctor

2033 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Govt. explain why, despite repeated budgetary allocation and infrastructure announcements, many Government hospitals continue to function with critical shortage of doctors, specialists, ICU Beds and essential medicines and whether any outcome-based audit has been conducted to verify the actual utilization of funds released for hospital strengthening ?

----

## ଜନସାଧାରଣଙ୍କ କ୍ରୟ ଶକ୍ତି ବୃଦ୍ଧି

2034 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୬-୨୭ ମସିହା ଆର୍ଥିକ ବର୍ଷ ବେଳକୁ ସରକାରଙ୍କର ଋଣଭାର ଦେଢ଼ ଲକ୍ଷ କୋଟି ଟଙ୍କା ଟପିଯିବା ଆଶଙ୍କା ଅର୍ଥନୀତି ବିଷାରଦମାନେ ଆକଳନ କରୁଥିବାବେଳେ ସରକାର ବାସ୍ତବ ସ୍ଥିତିକୁ କେଉଁ ଦୃଷ୍ଟିରେ ଦେଖୁଛନ୍ତି; ଏପରିସ୍ଥିତିକୁ ସୁଧାର ଆଣିବାକୁ ବିଚାର ବିମର୍ଷ କଣ ଯାହାଦ୍ୱାରା ଜନସାଧାରଣଙ୍କର କ୍ରୟଶକ୍ତି ବୃଦ୍ଧି ଘଟିବ ?

----

## ସମାନ status ପ୍ରଦାନ

2035 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ MBBS ଡ଼ାକ୍ତରଙ୍କ ସହିତ ଆମ୍ବୁଲାନ୍ସ ଡ଼ାକ୍ତରଙ୍କୁ ସମାନ status ନେବା ସକାଶେ ସରକାର ନୀତି ଗତ ନିଷ୍ପତ୍ତି ନେଉଛନ୍ତି କି, ଯଦି ହୋଇଥାଏ ତେବେ ତାହା କଣ; କେଉଁ କେଡ଼ର ରୋଲରେ ଏହି ଆୟୁଶ୍ ଡ଼ାକ୍ତରମାନେ ପରିଗଣିତ ହେବେ ?

----

## ମାତୃ ଓ ଶିଶୁହାର

2036 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଆଦିବାସୀ ଅଞ୍ଚଳଗୁଡ଼ିକରେ ମାତୃ ଓ ଶିଶୁ ମୃତ୍ୟୁହାର ଉଚ୍ଚ ଥିବା ପୋଷଣ ଅଭାବ ପରି ଗୁରୁତର ସମସ୍ୟା ପରିଲକ୍ଷିତ ହେଉଛି, ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ଜିଲ୍ଲାୱାରି ଭାବେ ମାତୃ ମୃତ୍ୟୁହାର (MMR) ଓ ଶିଶୁ ମୃତ୍ୟୁହାର (IMR) କେତେ ରହିଛି; ଏହା କମାଇବା ପାଇଁ ସରକାର କେଉଁ ବିଶେଷ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ସେଥିପାଇଁ କେତେ ଅର୍ଥ ବ୍ୟୟ ହୋଇଛି ?

----

## ସୀମା ବିବାଦ

2037 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପଞ୍ଚାୟତ ଅଞ୍ଚଳରେ ସୀମା ସମ୍ବନ୍ଧୀୟ ବିବାଦ ଓ ପ୍ରଶାସନିକ ହସ୍ତକ୍ଷେପ ନେଇ ବାରମ୍ବାର ବିଭିନ୍ନ ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଶାନ୍ତି ଓ ଅନିଶ୍ଚିତତା ସୃଷ୍ଟି ହେଉଛି ବୋଲି ଅଭିଯୋଗ ରହିଛି; ସରକାର କୋଟିଆ ଅଞ୍ଚଳରେ ସୀମା ସୁରକ୍ଷା ଓ ଆଇନ-ଶୃଙ୍ଖଳା ରକ୍ଷା ପାଇଁ କେତେ ପୋଲିସ୍/ସୁରକ୍ଷା ବଳ ମୁତୟନ କରାଯାଇଛି; ବିଗତ ୨ ବର୍ଷରେ କେତେ ମାମଲା ରୁଜୁ ହୋଇଛି ଏବଂ ଏହି ଅଞ୍ଚଳରେ ରାଜ୍ୟର ପ୍ରଶାସନିକ ନିୟନ୍ତ୍ରଣ ସୁଦୃଢ଼ କରିବା ପାଇଁ ସରକାର କେଉଁ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## NRC ପ୍ରତିଷ୍ଠା

2038 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାର ନର୍ଲାଠାରେ ପୁଷ୍ଟି ସାଧନ କେନ୍ଦ୍ର (IRC) ପ୍ରତିଷ୍ଠା ପାଇଁ ସରକାର ପାଖରେ ପ୍ରସ୍ତାବ ଅଛି କି, ଯଦି ହଁ ତେବେ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ, ଯଦି ନାଁ ତେବେ NRC ପ୍ରତିଷ୍ଠା କରିବେ କି ?

----

## ହତ୍ୟା ଧର୍ଷଣ ରୋକିବାକୁ ପଦକ୍ଷେପ

2039 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଜିଲ୍ଲାରେ ବିଗତ ପାଞ୍ଚ ବର୍ଷରେ କେତେ ଜଣ ହତ୍ୟା ହୋଇଛନ୍ତି ଏବଂ କେତେ ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି, ତାହାର ସମସ୍ତ ତଥ୍ୟ ବର୍ଷୱାରୀ ଏବଂ ନିର୍ବାଚନ ମଣ୍ଡଳୱାରୀ ପ୍ରଦାନ କରିବା ସହିତ ସେମାନଙ୍କୁ କି ପ୍ରକାର ଦଣ୍ଡ ପ୍ରଦାନ କରାଯାଇଛି, ତାହାର ତାଲିକା ପ୍ରଦାନ କରିବେ କି, ଏବଂ ଆଗାମୀ ଦିନରେ ହତ୍ୟା ଓ ଦୁଷ୍କର୍ମକୁ ରୋକିବା ପାଇଁ ସରକାରଙ୍କ ତରଫରୁ କି କି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଛି ?

----

## ରୋଗୀ ଚିକିତ୍ସା ବ୍ୟବସ୍ଥା ସୁଦୃଢ କରିବାକୁ ପଦକ୍ଷେପ

2040 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତାଳଚେରଠାରେ ଥିବା ପବିତ୍ର ମୋହନ ମେଡିକାଲ କଲେଜରେ ଛାତ୍ର ଛାତ୍ରୀମାନଙ୍କ ପାଠ ପଢିବା ସହ ରୋଗୀମାନଙ୍କର ଚିକିତ୍ସା କରିବା ବ୍ୟବସ୍ଥା ନଥିବା ଯୋଗୁଁ ଛାତ୍ର ଛାତ୍ରୀମାନଙ୍କ ପାଠ ପଢାରେ ବହୁ ଅସୁବିଧା ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଉତ୍ତର ହଁ ହୁଏ, ତେବେ ପବିତ୍ର ମୋହନ ମେଡିକାଲ କଲେଜରେ ରୋଗୀମାନଙ୍କ ଚିକିତ୍ସା ସୁବିଧାର ବ୍ୟବସ୍ଥା କେବେ ସୁଦ୍ଧା କରାଯିବ ?

----

## ଡାକ୍ତର ପଦବୀ ପୂରଣ

2041 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତାରକା ଚିହ୍ନିତ ପ୍ରଶ୍ନ ସଂଖ୍ୟା ୪୯୮| ତା ୦୨.୦୯.୨୦୨୪ରିଖର ଉତ୍ତର ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଗୁଡିକରେ ଖାଲିଥିବା ଡାକ୍ତର, ପ୍ରଫେସର, ଆସୋସିଏଟ୍ ପ୍ରଫେସର, ରିଡର, ସିନିଅର ରେଲିଡେଂଟ ଓ ଜୁନିଅର ରେଲିଡେଂଟ ପଦବି ମଧ୍ୟରୁ ଆଜି ମଧ୍ୟରେ କେଉଁ ବର୍ଗର ଓ କେଉଁ ମେଡିକାଲ କଲେଜର କେତେ ପଦବୀ ପୂରଣ କରାଯାଇଛି ?

----

## ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି

2042 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ ଡାକ୍ତରୀ ସମେତ ଅନେକ ତୃତୀୟ ଓ ଚତୁର୍ଥ କର୍ମଚାରି, Pharmasist, staff, nurse, Lab technician, Attendent, Sweeper, Nirmal Staff, CHO, MPHW(M), MPHW(F), PHEO, STS, L T, VBTS ର କେତେ ପଦବୀ ଖାଲି ଅଛି ତାହାର ବିବରଣୀ ଦେବେ କି, ଏହି ପଦବୀ ପୂରଣ ପାଇଁ ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ବକେୟା ପ୍ରାପ୍ୟ ପ୍ରଦାନ

2043 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ Covid -19 ସମୟରେ ସରକାରଙ୍କ ତରଫରୁ କେତେଟା medical କୁ covid ହସ୍ପିଟାଲ ରୂପରେ ଅନୁମୋଦନ ମିଳିଥିଲା, କେତେଟା ଅନୁଷ୍ଠାନକୁ ଅଣ ମେଡିକାଲ building କୁ (private school, hostel building ଇତ୍ୟାଦି ) covid ହସ୍ପିଟାଲ building ରୂପରେ ଗ୍ରହଣ କରାଯାଇଥିଲା, ସେହି ମେଡିକାଲ କାହା ତତ୍ତ୍ୱାବଧାନରେ ଥିଲା, ସେଥିରେ କେଉଁ କେଉଁ ସାମଗ୍ରୀ ସବୁ covid ରୋଗୀଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିଲା, ଆନୁସାଙ୍ଗିକ ସାମଗ୍ରୀ ସବୁ ବର୍ତ୍ତମାନ କେଉଁ ଅବସ୍ଥାରେ, କୋଉଠି ଏବଂ କାହାରି ଜିମାରେ ରହିଛି ଜଣାଇବା ସହ Covid ରେ କେଉଁ ମେଡିକାଲକୁ କେତେ ଟଙ୍କାର bill ପୈଠ ସରକାର କରିଛନ୍ତି ?

----

## ଔଷଧ ଯୋଗାଣ

2044 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ନିରାମୟ ଯୋଜନାରେ ୫୭୦ରୁ ଅଧିକ ପ୍ରକାରର ଔଷଧ ମାଗଣାରେ ମିଳିବା କଥା, କିନ୍ତୁ ବାସ୍ତବରେ VIMSAR (ବୁର୍ଲା) ଏବଂ ରେଙ୍ଗାଲି CHC ରେ ୨୦୦ରୁ କମ୍ ଔଷଧ ଉପଲବ୍ଧ ଅଛି ଗତ ୬ ମାସ ମଧ୍ୟରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ସରକାରୀ ହସ୍ପିଟାଲଗୁଡ଼ିକରେ କେତେ ଦିନ ଔଷଧର 'Stock-out' (ଅଭାବ) ରହିଥିଲା, ସମ୍ବଲପୁରର ବିଭିନ୍ନ ସ୍ଥାନରେ ବ୍ୟାପକ ପରିମାଣର ସରକାରୀ ଔଷଧ ଫିଙ୍ଗା ଯାଇଥିବା ଦେଖାଯାଇଛି, ଗୋଟିଏ ପଟେ ରେଙ୍ଗାଲିର ଗରିବ ରୋଗୀ ଔଷଧ ପାଇଁ ବାହାର ଦୋକାନରେ ଖର୍ଚ୍ଚାନ୍ତ ହେଉଥିବା ବେଳେ, ଅନ୍ୟପଟେ ଏହି ଔଷଧଗୁଡ଼ିକ କାହିଁକି ନଷ୍ଟ କରାଗଲା ?

----

## ଔଷଧ ପରୀକ୍ଷାଗାର ସ୍ଥାପନ

2045 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି)ː**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ସମ୍ବଲପୁର ସ୍ଥିତ ରାଜ୍ୟ ଔଷଧ ପରୀକ୍ଷାଗାରର ଅଧିକାରୀଙ୍କ ଦ୍ୱାରା ଗତ ୨ ବର୍ଷ ମଧ୍ୟରେ କେତେଗୋଟି ଔଷଧ ନମୁନାକୁ 'ସୁରକ୍ଷିତ' ବୋଲି ପ୍ରମାଣପତ୍ର ଦିଆଯାଇଥିଲା, ସନ୍ଦେହଜନକ ଔଷଧଗୁଡ଼ିକର ପୁନଃ-ପରୀକ୍ଷଣ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି, ସମ୍ବଲପୁର ପଶ୍ଚିମାଞ୍ଚଳ ଜୋନାଲ ହେଡକ୍ୱାର୍ଟର ହୋଇଥିବା ସତ୍ତ୍ୱେ, ଏଠାରେ ଆୟୁର୍ବେଦିକ ଏବଂ ହୋମିଓପ୍ୟାଥିକ ଔଷଧ ପରୀକ୍ଷା ପାଇଁ କୌଣସି ପୂର୍ଣ୍ଣାଙ୍ଗ ସରକାରୀ ପରୀକ୍ଷାଗାର ନଥିବାର କାରଣ କଣ, ଏହା ଦ୍ୱାରା ରେଙ୍ଗାଲି ଭଳି ଅଞ୍ଚଳରେ ନିମ୍ନମାନର ପାରମ୍ପରିକ ଔଷଧର କାରବାର ବଢୁଥିବା କଥା ସରକାର ଅବଗତ ଅଛନ୍ତି କି ?

----

## PHC / CHC ଖୋଲିବାକୁ ପ୍ରସ୍ତାବ

2046 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା)ː**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ପାଟଣା ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କେଉଁ କେଉଁ ପଦବୀ ଖାଲି ପଡ଼ିଛି ଓ କେଉଁ କେଉଁ ପଦବୀ ପୂରଣ ହେଇଛି, କେଉଁ କେଉଁ ଡାକ୍ତର ଆଦି ପଦବୀରେ ନିଯୁକ୍ତି ପାଇ ପାଠ ପଢ଼ା, ଡେପୁଟେସନ୍ ଆଦିରେ ଯାଇଛନ୍ତି ଏବଂ ଖାଲି ଥିବା ପଦବୀ କେବେ ପୂରଣ ହେବ ଏହାର ସବିଶେଷ ତଥ୍ୟ ଜଣାଇବେ କି, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦୁଇ ବର୍ଷ ତଳେ ଉଦଘାଟନ ହେଇଥିଲେ ବି ସେ ଏଯାଏ ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେବାର କାରଣ କଣ, ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରିବ କି, (ଖ) ରାଜ୍ୟରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କେଉଁ କେଉଁ ସ୍ଥାନରେ ନୂତନ PHC, CHC, AREA HOSPITAL And SDH ଖୋଲିବାକୁ ବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଉଛି ଓ କଣ ପ୍ରସ୍ତାବ ରହିଛି ଏହାର ସବିଶେଷ ତଥ୍ୟ ଜଣାଇବେ କି ? ସେହିପରି କେଉଁ କେଉଁ ସ୍ଥାନରୁ ନୂଆ PHC, CHC, AREA HOSPITAL And SDH ଖୋଲିବାକୁ ବିଭାଗ ପାଖକୁ ପ୍ରସ୍ତାବ ଆସିଛି ଓ ଏ ବିଷୟରେ ବିଭାଗ କଣ ନିଷ୍ପତ୍ତି ଗ୍ରହଣ କରୁଛି ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ସ୍ୱାସ୍ଥ୍ୟ ବୀମା କାର୍ଡର ଦୁଃରୁପଯୋଗ

2047 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଡାକ୍ତରଖାନା, ନର୍ସିଂ ହୋମ, କ୍ଲିନିକ ଆଦିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଲୋକେ ଉପକୃତ ହେଉଛନ୍ତି ତାର ଜିଲ୍ଲା ୱାରି ତାଲିକା ପ୍ରଦାନ କରିବେ କି, ଏହି ଅନୁଷ୍ଠାନ ଗୁଡ଼ିକୁ ଗତ ୫ ବର୍ଷ ମଧ୍ୟରେ କେତେ ରୋଗୀଙ୍କ ପାଇଁ କେତେ ଅର୍ଥ ପ୍ରଦାନ କରାଯାଇଛି ତାର ବର୍ଷୱାରୀ ଓ ଅନୁଷ୍ଠାନୱାରୀ ତାଲିକା ପ୍ରଦାନ କରିବେ କି, ରାଜ୍ୟରେ ଉପରୋକ୍ତ ବୀମାରେ କେତେ ଜଣ ରୋଗୀଙ୍କୁ ଚିକିତ୍ସା ନ କରି ମିଥ୍ୟା ବିଲ କରି ଅର୍ଥ ହଡ଼ପ କରାଯାଇଥିବା ଘଟଣା ସମ୍ବନ୍ଧରେ ବିଭାଗ ଅବଗତ ଅଛି କି, ଯଦି ଅଛି, ସେମାନଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## DEO ନିଯୁକ୍ତି

2048 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ ଅବସ୍ଥିତ ସମସ୍ତ PHC, CHC ଓ New PHC ମାନଙ୍କରେ online ରେ କାର୍ଯ୍ୟ କରିବା ସହ ସମସ୍ତ କାର୍ଯ୍ୟକୁ Digitalisation କରିବା ପାଇଁ ସରକାର ପ୍ରୋତ୍ସାହନ ଦେଉଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନରେ Data Entry Operator ନଥିବା କଥା ସତ୍ୟ କି, ଯଦି ହଁ ତେବେ ଉକ୍ତ ପଦବୀରେ ବର୍ତ୍ତମାନ କେତେ ଜଣ କାର୍ଯ୍ୟରତ ଅଛନ୍ତି ଓ କେତୋଟି ପଦବୀ ଖାଲି ପଡିଛି ତାହାର ଏକ ତାଲିକା ବ୍ଲକୱାରୀ ପ୍ରଦାନ କରିବା ସହ ଏଗୁଡିକ କେବେ ସୁଦ୍ଧା ପୂରଣ କରିବେ ?

----

## ଡାକ୍ତର ପଦବୀ ପୂରଣ

2049 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ସମସ୍ତ CHC ଓ PHC ରେ କେତେ ଡାକ୍ତରି ପଦବି ଖାଲିଅଛି ଏବଂ ଉକ୍ତ ଖାଲି ପଦବୀ ପୂରଣ ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି ?

----

## ଗୋପବନ୍ଧୁ ଆରୋଗ୍ୟ ଯୋଜନା

2050 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା କେଉଁ ଜିଲ୍ଲାକୁ କେତେ ଜଣ ରୋଗୀ ଚିକିତ୍ସିତ ହେଇଛନ୍ତି ଏବଂ ସେ ବାବଦକୁ ରାଜ୍ୟ ସରକାର କେତେ ଅର୍ଥ ସହାୟତା ପ୍ରଦାନ କରିଛନ୍ତି ?

----

## 24 ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ

2051 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗ୍ରାମଞ୍ଚଳରେ ବସବାସ କରି ରହୁଥିବା ଜନ ସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାର 24x 7 (ଦିନରାତି) ଖୋଲିବା ପାଇଁ ସରକାର ପଦକ୍ଷେପ ନେବେ କି, ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିନରେ ପରିଚାଳିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତଙ୍କ ଅଭାବକୁ ଦୂର କରିବା ପାଇଁ ଜଣେ ଲେଖାଏଁ ଆୟୁଷ ଡାକ୍ତର ମାନଙ୍କୁ ନିଯୁକ୍ତି ଦେବା ପାଇଁ ବିଚାର କରିବେ କି ଯ?

----

## ଅନ୍ଧତ୍ୱ ଦୂରୀକରଣ

2052 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅନ୍ଧତ୍ୱ ଦୂରୀକରଣ ପାଇଁ କେଉଁ ଯୋଜନାମାନ କେବେଠାରୁ କାର୍ଯ୍ୟକାରୀ ହେଉଛି, ୨୦୨୪ ମସିହାଠାରୁ ବାର୍ଷିକ ହାରରେ ଅଦ୍ୟାବଧି କେତେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ହେବା ସ୍ଥଳେ କେତେ ହୋଇଛି, କେଉଁ ମାନଙ୍କ କ୍ଷେତ୍ରରେ/ଶ୍ରେଣୀରେ ଅନ୍ଧତ୍ୱର ହାର ଅଧିକ ରହିଛି, କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ନେତ୍ର ଜ୍ୟୋତି ଅଭିଯାନ ଜରିଆରେ ୨୦୨୨ ମସିହାଠାରୁ ୨୦୨୪-୨୫ ମସିହା ସୁଦ୍ଧା ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ କେତେ ଧାର୍ଯ୍ୟ କରାଯାଇଥିବା ସ୍ଥଳେ କେତେ ସଂଖ୍ୟକ ଅସ୍ତ୍ରୋପଚାର ହୋଇଛି ?

----

## ହତ୍ୟାକାରୀଙ୍କୁ ଧରିବାକୁ ପଦକ୍ଷେପ

2053 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- 11.04.2025 ଜାମୁକୋଳିଠାରେ ସ୍ୱଷ୍ଟ ଦିବାଲୋକରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ 13 ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି କି, ଯଦି ନାଁ, 10 ମାସ ଅତିବାହିତ ହୋଇଥିଲେ ସୁଦ୍ଧା ପୋଲିସ୍ ବର୍ତ୍ତମାନସୁଦ୍ଧା ଗିରଫ କରିପାରିନଥିବାର କାରଣ ଜଣାଇବେ କି ?

----

## ଜମାରାଶି ଫେରସ୍ତ ପାଇଁ ପଦକ୍ଷେପ

2054 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ଅର୍ଥ ଲଗାଣକାରୀ ସଂସ୍ଥା ଘରୋଇ କୋ-ଆପରେଟିଭ ବ୍ୟଙ୍କ, ଅଣବ୍ୟାବ୍ୟାଙ୍କ ସଂସ୍ଥା ଜମାକାରୀଙ୍କ କେତେ ଟଙ୍କା ହଡପକାରିଛନ୍ତି , ତାହାର ତାଲିକା ଦର୍ଶାଇ ଜମାକାରୀଙ୍କୁ ସେମାନଙ୍କ ଜମାରାଶି ଫେରସ୍ତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କର୍କଟ ଚିକିତ୍ସା ପ୍ରତିଷ୍ଠାନ ସ୍ଥାପନ

2055 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ 5 ବର୍ଷରେ କେତେଜଣ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଥିଲାବେଳେ କେତେଜଣ ମୃତ୍ୟୁବରଣ କରିଛନ୍ତି, ରାଜ୍ୟରେ ଆନ୍ତର୍ଜାତିକ ହସ୍ପିଟାଲ୍ ଷ୍ଟାଣ୍ଡାର୍ଡର ଏକ ଉନ୍ନତମାନର କର୍କଟ ରୋଗ ଚିକିତ୍ସା ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Super Specialist Hospital ସ୍ଥାପନ

2056 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀସ୍ଥ ଯୋଡା, ବଡ଼ବିଲ ଓ ଚମ୍ପୁଆ ଅଞ୍ଚଳରେ କୌଣସି Supper Specialist Hospital ସ୍ଥାପନ ହୋଇ ନଥିବାରୁ କୌଣସି ମର୍ମନ୍ତୁଦ ଦୁର୍ଘଟଣାରେ ସାଂଘାତିକ ଭାବରେ ଆଘାତ ହେଲେ କିମ୍ବା ସାଧାରଣ/ ଜଟିଳ ରୋଗରେ ଆକ୍ରାନ୍ତ ହୋଇଥିଲେ ତାହାର ଚିକିତ୍ସା ନିମନ୍ତେ କେନ୍ଦୁଝର ସଦର କିମ୍ବା କଟକ ବଡ ଡାକ୍ତର ଖାନାକୁ ରୋଗୀଙ୍କୁ Refer କରାଯାଇ ଥିବାରୁ Referral Hospitalର ଦୂରତା ମାତ୍ରାଧିକ ହୋଇଥିବା କାରଣରୁ ଅନେକ ରୋଗୀ ରାସ୍ତାରେ ଯିବା ବାଟରେ ହିଁ ମୃତ୍ୟୁ ବରଣ କରୁଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଆସିଥାଏ ତେବେ Champua Headquarter Sub-Divisional Hospitalକୁ ସଂପ୍ରସାରଣ କରି ବିଭିନ୍ନ ବିଭାଗର Supper Specialist doctor ଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ଚିକିତ୍ସା ସୁବିଧା ଯୋଗାଇ ଦେବେ କି ?

----

## ଡାକ୍ତର ପଦବୀ ପୂରଣ

2057 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା Medical College ସହିତ ଜିଲ୍ଲା Headquarter Hospital ସହିତ ଜିଲ୍ଲା ଅଧୀନରେ ଥିବା P.H.C/C.H.C ସ୍ୱାସ୍ଥ୍ୟ କେନ୍ଦ୍ରରେ Doctor ନଥିବାରୁ ସାଧାରଣ ଜନତା ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି, ତେଣୁ, Medical College, District Headquarter Hospital 3 P.H.C/ C.H.C ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ କରିବା ପାଇଁ ସରକାର ସୁବ୍ୟବସ୍ଥା କରିବେ କି ?

----

## ଡ଼ାକ୍ତରଙ୍କ ତାଲିକା ପ୍ରଦାନ

2058 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଜନସଂଖ୍ୟା ତୁଳନାରେ ଡାକ୍ତର ସଂଖ୍ୟା ଆବଶ୍ୟକ ବର୍ତମାନ ରାଜ୍ୟରେ କେତେ ଡାକ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି ; ସରକାରୀ ସ୍ତରରେ କେତେ ଓ ଘରୋଇ ମେଡ଼ିକାଲରେ କେତେ ଡାକ୍ତର ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି; ପ୍ରତ୍ୟେକ ବର୍ଷ ରାଜ୍ୟରେ କେତେ ଡାକ୍ତରୀ ଛାତ୍ର ଛାତ୍ରୀ ପାଠପଢା ସାରି ଡାକ୍ତର ପଦବୀରେ ଯୋଗ ଦେଉଛନ୍ତି ସେମାନଙ୍କ ମଧ୍ୟରେ କେତେଜଣ ରାଜ୍ୟରେ ସେବା ଯୋଗାଉଛନ୍ତି ; କେତେ ଜଣ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି ?

----

## Spinal Injury Centre ଖୋଲିବା ପାଇଁ ପଦକ୍ଷେପ

**2059 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- SCB Medical College & Hospital ପରିସରରେ ଥିବା Spinal Injury Centre କୁ ଉନ୍ନୀତ କରାଯାଇ ଏହାର ସ୍ୱାସ୍ଥ୍ୟ ଭିତ୍ତିଭୂମୀ ଉନ୍ନୟନ ସହିତ ଏହାକୁ Odisha Spinal Injury Centre ନାମରେ ନାମିତ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## FIR ଗୁଡିକର ପଞ୍ଜିକରଣ

**2060 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥାନା ମାନଙ୍କରେ ପ୍ରଦାନ କରାଯାଉଥିବା FIR ଗୁଡିକୁ ସଙ୍ଗେ ସଙ୍ଗେ କମ୍ପ୍ୟୁଟରୀକରଣ କରାଯିବା ସହିତ ଉଭୟ ପକ୍ଷକୁ ଡାକି ଆଲୋଚନା କରିବା ସମୟରେ ବାର୍ତ୍ତାଳାପର ଭିଡିଓଗ୍ରାଫୀ କରିବା ପାଇଁ ପ୍ରତ୍ୟେକ ଥାନାରେ ବ୍ୟବସ୍ଥା କରିବେ କି ?

----

## କିଡ଼ିନି ରୋଗର ସ୍ଥାୟୀ ପ୍ରତିକାର

**2061 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆଠଗଡ଼ ସବ୍-ଡିଭିଜନ ଅନ୍ତର୍ଗତ ତିଗିରିଆ, ବଡ଼ମ୍ବା ଓ ନରସିଂହପୁର ଅଞ୍ଚଳରେ ବ୍ୟାପକ କିଡନି ରୋଗ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ଚିକିତ୍ସା ପାଇଁ ବିଭାଗ ପକ୍ଷରୁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବା ସହ ଅଦ୍ୟାବଧି କେତେ ସଂଖ୍ୟକ କେଉଁ ଅଞ୍ଚଳରେ କିଡନି ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ଏହା କେଉଁ କାରଣ ପାଇଁ ହେଉଛି ଏହାର ସ୍ଥାୟୀ ପ୍ରତିକାର ପାଇଁ କି ପଦକ୍ଷେପ ବିଭାଗ ପକ୍ଷରୁ ନିଆଯାଇଛି ତାର ସମସ୍ତ ବିବରଣୀ ପ୍ରଦାନ କରିବେ କି ; (ଖ) ଆଠଗଡ଼ SDH ଅଧୀନରେ ଥିବା CHC, PHC ଗୁଡିକ ସମ୍ପୂର୍ଣ୍ଣ ରୂପେ ଚାଲିବା ପାଇଁ ଆବଶ୍ୟକୀୟ ଡାକ୍ତର, ନର୍ସ, ଫାର୍ମାଶିଷ୍ଟ, ଆଟେଣ୍ଡାଣ୍ଟ ଆଦି କେଉଁଠାରେ କେତେ ଜଣ ରହିବାର ଆବଶ୍ୟକ ଥିବା ସ୍ଥଳେ କେଉଁଠାରେ କେତେଜଣ ସ୍ଥାୟୀ ଓ ଅସ୍ଥାୟୀ ଭାବେ ନିଯୁକ୍ତି ହୋଇ କାର୍ଯ୍ୟ ଚଳାଉଛନ୍ତି ଜଣାଇବା ସହ ସ୍ଥାୟୀ ନିଯୁକ୍ତି ପାଇଁ କି ପଦକ୍ଷେପ ନିଆଯାଇଛି ତାହା ଜଣାଇବେ କି ଏବଂ ଆଠଗଡ଼ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ୨ଜଣ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ଓ ଜଣେ ନିଶ୍ଚେତକ ଡାକ୍ତର ରହିଥିବା ସ୍ଥଳେ ଏଠାରେ ଶିଶୁ ଜନ୍ମ (Delivery) ହାର କମିବାର କାରଣ କଣ ?

----

## ମହିଳା, ଦଳିତମାନଙ୍କ ଉପରେ ହେଉଥିବା ଆକ୍ରମଣ

**2062 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମହିଳା, ଦଳିତମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଥିବା ସତ୍ୟ କି, ଯଦି ହଁ, ଏହାର କାରଣ କଣ ଏବଂ ସରକାର ଏହା ଉପରେ କଣ ପଦକ୍ଷେପ ନେଇଛନ୍ତି ?

----

### Police Out Post ସ୍ଥାପନ

2063 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶାର କାଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡିକୁ ବହୁ ପର୍ଯ୍ୟଟକ ଯାତାୟାତ କରୁଥିବାରୁ ସେମାନଙ୍କ ସୁରକ୍ଷା ନିମନ୍ତେ ଏଠାରେ ଏକ police out post ନିର୍ମାଣ ପାଇଁ ସରକାର ପଦକ୍ଷେପ ନେବେ କି ?

----

### ରାଜସ୍ୱ ସଂଗ୍ରହ ପରିମାଣ

2064 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଆର୍ଥିକ ବର୍ଷ 2025-26 ପାଇଁ ମୋଟ କେତେ ରାଜସ୍ୱ ସଂଗ୍ରହର ଆକଳନ କରାଯାଇଥିଲା ଏବଂ ଏହା କେଉଁ କେଉଁ ସୂତ୍ରରୁ କେତେ ଆକଳନ କରାଯାଇଥିଲା ; (ଖ) ଉପରୋକ୍ତ ଆକଳନ ରାଜସ୍ୱ ମଧ୍ୟରୁ ଆର୍ଥିକ ବର୍ଷର ପ୍ରତି ତ୍ରୟିମାସର ଶେଷ ସୁଦ୍ଧା ମୋଟ କେତେ ରାଜସ୍ୱ ଓ କେଉଁ କେଉଁ ସୂତ୍ରରୁ ସଂଗ୍ରହ ହୋଇଥିଲା ; ଉପରୋକ୍ତ ସଂଗୃହିତ ରାଜସ୍ୱ ମଧ୍ୟରୁ କେଉଁ ତ୍ରୟିମାସର ଶେଷ ସୁଦ୍ଧା କେତେ ମୋଟ ଅର୍ଥ ଖର୍ଚ୍ଚ ହୋଇଥିଲା ଏବଂ କେଉଁ ବିଭାଗ କେତେ ଖର୍ଚ୍ଚ କରିଥିଲା?

----

### ନୂତନ କାର୍ଯ୍ୟାଳୟ ସ୍ଥାପନ

2065 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) କେନ୍ଦୁଝର ଜିଲ୍ଲାର ଆଦିବାସୀ ଜନବହୁଳ ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣାଠାରେ ଏକ ନୂତନ ଉପଖଣ୍ଡ ସ୍ତରୀୟ ପୁଲିସ୍ କାର୍ଯ୍ୟାଳୟ (SDPO) ସ୍ଥାପନ କରିବା ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବେ କି ; (ଖ) ରାଜ୍ୟରେ ନୂତନ ଫାଣ୍ଡି ଓ ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ କୌଣସି ପ୍ରସ୍ତାବ ଅଛି କି ; ରାଜ୍ୟରେ ବିଭିନ୍ନ ଥାନା/ଫାଣ୍ଡି ମାନଙ୍କରେ ଜବତ ହୋଇଥିବା ଗାଡି, ବାଇକ୍, ବାଲି, କୋଇଲା, କାଠ, ପଥର ଆଦି ଦୀର୍ଘ ବର୍ଷ ହେବ ଥାନାରେ ରହି ଥାନା ପରିସରକୁ ଜାମ୍ କରି ସାରିଲାଣି ; ସରକାର ମଧ୍ୟ ଏଥିରୁ ଅନେକ ରାଜସ୍ୱ ହରାଉଛନ୍ତି ; ତେଣୁ ଏହି ସମସ୍ୟା ବାବଦରେ ବିଭାଗ ଅବଗତ ଅଛନ୍ତି ତ ; ଯଦି ଅଛନ୍ତି ତାହାଲେ ଏହାର ସମାଧାନ କିପରି ଓ କଣ କରାଯିବ?

----

### I.C.U. ବ୍ୟବସ୍ଥା

2066 **ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଥିବା ଉପଖଣ୍ଡ ଚିକିତ୍ସାଳୟ (S.D.H.) ବିଭିନ୍ନ ପ୍ରାଥମିକ ତଥା ଗୋଷ୍ଠୀ ଚିକିତ୍ସାଳୟ (P.H.C. & C.H.C.) ଖାଲି ପଡିଥିବା ଡାକ୍ତର, ନର୍ସିଂ ଏବଂ ପାରାମେଡିକାଲ ଷ୍ଟାଫ୍ ପଦବୀ ପୂରଣ ପାଇଁ ସରକାର ପଦକ୍ଷେପ ନେବେ କି, (ଖ) ପାଇକମାଲ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ରକୁ ସରକାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଘୋଷଣା କରିଛନ୍ତି, ଏହା କେବେ କାର୍ଯ୍ୟକ୍ଷମ ହେବ, ଏବଂ ଏଦିଗରେ ସରକାର କଣ ପଦକ୍ଷେପ ନେବେ କି , ଏବଂ ପଦ୍ମପୁରରେ ଥିବା ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ (S.D.H.) ରେ I.C.U. ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବେ କି ?

----

## ମେସିନ୍ ଅଚଳ

**2067 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ସମସ୍ତ ମେଡାକାଲ College ମାନଙ୍କରେ କେତୋଟି Professor, Association Professor, Asst. Professor post (sanction) ଅଛି ଓ କେଉଁ ବିଭାଗରେ କେଉଁ Medical College ରେ Professor ଓ ଅନ୍ୟାନ୍ୟ ପଦବୀ କେତେ ଖାଲିଅଛି, ସେହିପରି ରୋଗୀମାନଙ୍କର ଚିକିତ୍ସା ଲାଗି କେଉଁ Medical College ରେ କେଉଁ ବିଭାଗକୁ କେତୋଟି Advance technology support ଥିବା ମେସିନ୍, ଯନ୍ତ୍ରପାତି ଗତ ୨ ବର୍ଷ ଭିତରେ କେତେ ଟଙ୍କା ଖର୍ଚ୍ଚରେ କିଣାଯାଇଛି, ସେହି ନୂତନ ମେସନ୍ ଗୁଡିକ ଚଳାଇବା ପାଇଁ ପ୍ରଶିକ୍ଷିତ କର୍ମଚାରୀମାନେ Appointment ପାଇଛନ୍ତି ନା ସମ୍ପୃକ୍ତ କମ୍ପାନୀରେ ଲୋକମାନେ କାମ ଚଳାଇଦେଉଛନ୍ତି ?

----

## ସ୍ୱାଧିନତା ସଂଗ୍ରାମୀ ମାନ୍ୟତା

**2068 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବୀରମାଦ୍ରୀ କାଲୋଙ୍କୁ ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀ ହିସାବରେ ଗ୍ରହଣ କରିବା ପାଇଁ ପଦକ୍ଷେପ ନେଇଛନ୍ତି କି, ଯଦି ନେଇନାହାଁନ୍ତି ପଦକ୍ଷେପ ନେଇ ସ୍ୱାଧୀନତା ସଂଗ୍ରାମୀ ଭାବେ ଘୋଷଣା କରିବେ କି ?

----

## Supply of Materials under MGNREGS Scheme

**2069 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Whether the Finance Deptt. is awake that the markenting vendor (Vendor ID 21AAIC 171 BAIZN 200499) whose GSTIH 21AA/CB173AIZN was cancelled with effect from 23rd December 2020 has continued to supply materials under the MGNRGES Scheme in Golamunda block of Kalahandi Distroct and has received Govt. payments amounting to crores of rupees thereafter, if so, the year wise amount enclosed from the

state exchange to the said vendor ?

----

## ତେଲକୋଇ CHC ର Building ମରାମତି କାର୍ଯ୍ୟ

2070 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ତେଲକୋଇ CHC Hospital Building ର ମରାମତି କରାଯାଉ ନଥିବାରୁ ବର୍ତ୍ତମାନ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି ଫଳରେ ରୋଗୀମାନେ ନାହିଁନଥିବା ହିନସ୍ଥା ଭୋଗୁଥିଲେ ମଧ୍ୟ ଏଯାବତ ଏହା ଉପରେ କୌମସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ଜନ ଅସନ୍ତୋଷ ଦେଖା ଦେଇଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ତେବେ, କେବେ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ କରାଯିବ ?

----

## ଚାର୍ଜସିଟ ଦାଖଲ

2071 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟରେ ଗତ କିଛି ମାସ ମଧ୍ୟରେ ବାଲେଶ୍ୱରରେ ଜଣେ ଗାଡ଼ିର ହେଲପର, ଦେବଗଡ଼ରେ ଜଣେ ଦଳିତ ଶ୍ରମିକ ଏବଂ ସମ୍ବଲପୁରରେ ପଶ୍ଚିମବଙ୍ଗର ଜଣେ ପ୍ରବାସୀ ଶ୍ରମିକ ଭିଡ଼ ହତ୍ୟାର ଶିକାର ହୋଇଛନ୍ତି କି, ଯଦି ହଁ, ଏହିସବୁ ମାମଲାରେ ପୁଲିସ ଏଯାଏଁ କେତେ ଜଣଙ୍କୁ ଗିରଫ କରିଛି ;ସବୁ ମାମଲାରେ TI ପରେଡ଼ କରାଯାଇଛି ନା ନାହିଁ ; ଚାର୍ଜସିଟ ଦାଖଲ ହେଲାଣି କି; ବାଲେଶ୍ୱର ଓ ଦେବଗଡ଼ ମାମଲାରେ ହତ୍ୟାର ଶିକାର ବ୍ୟକ୍ତିଙ୍କ ପରିବାରର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପମାନ ନିଆଯାଇଛି; ମୃତକମାନଙ୍କ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି କି ; ସେମାନେ ସ୍କୁଲଯାଇ ପାରୁଛନ୍ତି କି; ସେମାନେ ନିଜ ଗାଁରେ ଅଛନ୍ତି ନା ଗାଁ ଛାଡ଼ି ଯାଇଛନ୍ତି ?

----

## PG ସିଟ ଖୋଲିବା ପାଇଁ ପଦକ୍ଷେପ

2072 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର କେଉଁ ମେଡ଼ିକାଲ କଲେଜରେ କେତୋଟି PG ସିଟ ଖୋଲିଛି; ଫକୀରମୋହନ ମେଡ଼ିକାଲ କଲେଜ ବାଲେଶ୍ୱରରେ ସିଟ ନ ଖୋଲିବାର କାରଣ କଣ;ଏଠାରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଅଛି କି ; ଆବଶ୍ୟକ ସଂଖ୍ୟାରେ ଅଧ୍ୟାପକ ଅଛନ୍ତି କି; ଯଦି ନାହାନ୍ତି, କେବେ ସୁଦ୍ଧା ଏହା ପୂରଣ କରାଯାଇ PG ସିଟ ଖୋଲାଯିବ ?

----

## Status of Bhima Bhoi Medical College

2073 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- What is the current status of Bhima Bhoi Medical College & Hospital (BBMCH) in terms of faculty Strength

bed capacity, equipment availability and student intake; (a) By when will all faculty vacancies at BBMCH be filled in accordance with NMC norms; (b) When will the 300-bed MCH block at BBMCH be fully commissioned & Whether emergency, trauma and ICU facilities at BBMCH will be upgraded this year ?

----

**Total Funds allocated to Bolangir District**

2074 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Will the Government provide details of the total funds allocated to Bolangir district during the past three years, specifying the amounts spent on development projects, infrastructure, health, education, and rural schemes; Can the Government furnish information on any audit reports highlighting delays, irregularities, or under-utilization of funds in Bolangir district, and the steps taken to address these issues;Will the Government provide details of the financial assistance and subsidies provided to farmers in Bolangir district under various schemes, including the number of beneficiaries and total funds disbursed ?

----

**Expand e- Goverance Services in Bolangir Dist.**

2075 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government furnish details of steps taken to expand e-governance services in Bolangir district, including online services for citizens, public grievance redressal portals, and digital service centers; Can the Government provide details of measures implemented to ensure cybersecurity and data protection for Government digital services and citizens in Balangir district; Will the Government provide information on training programs, internships, and employment opportunities in the IT sector for youth in Bolangir district, including collaborations with private IT firms or Educational Institutions ?

----

**ରାୟଗଡା ଜିଲ୍ଲାରେ ଆୟୁର୍ବେଦିକ ମେଡିକାଲ Collage ପ୍ରତିଷ୍ଠା**

2076 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାୟଗଡ଼ା ଜିଲ୍ଲାରେ ୪୫୯ ଡାକ୍ତରଙ୍କ ଆବଶ୍ୟକ ସ୍ଥାନରେ ମାତ୍ର ୧୪୦ ଜଣ ଡାକ୍ତର ଥିବା ଜିଲ୍ଲା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏକ 'ରେଫେରାଲ୍ ସେଣ୍ଟର' ପାଲଟିଥିବା ବେଳେ ଏକ ଆୟୁର୍ବେଦିକ କଲେଜ ଜିଲ୍ଲାର ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ କେତେ ଦୂର ସହାୟକ ହେବ ତାହା ଜଣାଇବେ କି, ବହୁ ପୂର୍ବରୁ ଜିଲ୍ଲାବାସୀଙ୍କ ମୁଖ୍ୟ ଦାବି ଜିଲ୍ଲାରେ Allopathic Medical College ପ୍ରତିଷ୍ଠା ବଦଳରେ ସରକାର ଆୟୁର୍ବେଦିକ କଲେଜକୁ ଅଧିକ ପ୍ରାଧାନ୍ୟ ଦେଉଥିବା ସତ୍ୟ କି, (ଖ) ମେଡିକାଲ କଲେଜ ପାଇଁ ଜେଣ୍ଡୋ ଅଧୀନରୁ ମିଳିଥିବା ୫୦୬ ଏକର ଜମିରେ ଉଭୟ Allopathic Medical College ଏବଂ Ayurvedic Medical College ପ୍ରତିଷ୍ଠା ପାଇଁ ସରକାରଙ୍କର କୌଣସି ମିଳିତ ଯୋଜନା ଅଛି କି, ରାୟଗଡ଼ା ପାଇଁ ମଞ୍ଜୁର ହୋଇଥିବା ଆୟୁର୍ବେଦିକ ମେଡିକାଲ କଲେଜ ନିର୍ମାଣ କେବେ ସୁଦ୍ଧା ଆରମ୍ଭ ହେବ ?

----

## ଡାଏଲେସିସ ମେସିନ ସ୍ଥାପନ

**2077 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାର କେଉଁ କେଉଁ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କିଡନୀ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଡାଏଲିସିସ୍ ସେବା ଯୋଗେଇ ଦେବା ପାଇଁ ସତନ୍ତ୍ର ଡାଏଲିସିସ୍ ମେସିନ ସ୍ଥାପନ ହୋଇଅଛି, (ଖ) ବଲାଙ୍ଗିର ଜିଲ୍ଲାରେ ପର୍ଯ୍ୟାପ୍ତ ଡାଏଲିସିସ୍ ମେସିନ ଉପଲବ୍ଧ ନଥିବାରୁ ଗ୍ରାମାଞ୍ଚଳ ରୁ ଆସୁଥିବା ଅନେକ ରୋଗୀ ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଂଚଳର ରୋଗୀ ମାନେ ସ୍ଲଟ୍ ବୁକ୍ କରି ଧାର୍ଯ୍ୟ ସମୟରେ ଡାଏଲିସିସ୍ କରିନପାରି ଆହୁରୀ ଅନେକ ଦିନ ଅପେକ୍ଷାରେ ରହିବାକୁ ପଡୁଥିବାର ଅଭିଯୋଗ ତଥ୍ୟ ସତ୍ୟ ଅଟେ କି ?

----

## Task force ଗଠନ

**2078 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ଏବଂ ତାଙ୍କୁ ଦେଶାନ୍ତର କରିବା ପାଇଁ ଯେଉଁ SOP ଓଡିଶା ସରକାରଙ୍କ ପକ୍ଷରୁ ହୋଇଥିଲା ତାହାର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ରିପୋର୍ଟ ଏବଂ ଅଦ୍ୟାବଧି କେଉଁ ଜିଲାରୁ କେତେ ଚିହ୍ନଟ ହୋଇ ଦେଶାନ୍ତର ହେଲେଣି, ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଅନୁପ୍ରବେଶକାରୀ ଥିବା ବେଳେ କେଉଁ କାରଣ ପାଇଁ ଉକ୍ତ ଚିହ୍ନଟ ପ୍ରକ୍ରିୟା ଅନ୍ୟ ଜିଲ୍ଲା ଭଳି ତ୍ୱରାନ୍ୱିତ ହୋଇନାହିଁ, ଅନୁପ୍ରବେଶକାରୀ ମାନେ ଅପରାଧ ସହ ଜଡିତ ଥିବାରୁ ବାଲେଶ୍ୱରରେ ଏହି ପ୍ରକିୟାକୁ ମଜବୁତି ଦେବା ପାଇଁ ସରକାର ଏକ state task force ଗଠନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## CHC ପାଇଁ ପ୍ରସ୍ତାବ

**2079 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ନୂତନ PHC-UPHC ଏବଂ CHC ଖୋଲିବା ପାଇଁ ସରକାର ନିଷ୍ପତି ନେଉଛନ୍ତି କି, ଅଦ୍ୟାବଧି ବିଭାଗ ପାଖେ ଜିଲ୍ଲାୱାରି କେତେଗୋଟି ନୂତନ ଖୋଲିବା ପାଇଁ ପ୍ରସ୍ତାବ ଅଛି, ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ କଣ ପ୍ରସ୍ତାବ ଅଛି, ତାହାର ବିବରଣୀ ଏବଂ କେବେ ସୁଦ୍ଧା ନୂତନ PHC ଓ CHC ଅନୁମୋଦନ ହେବ ଏବଂ ଏହାର ଆର୍ଥିକ ବ୍ୟୟବରାଦ ବିଷୟରେ ତଥ୍ୟ ପ୍ରଦାନ କରିବେ କି, (ଖ) ବାଲେଶ୍ୱର ସଦର ବ୍ଲକର ପାରିକୁଳ, ନୁନକୁଣ୍ଡି ଏବଂ ମୁଣ୍ଡିଦେଉଳାରେ ନୂତନ PHC ଏବଂ ପାତ୍ରପଡ଼ାରେ ନୂତନ CHC ପାଇଁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାର ସ୍ଥିତାବସ୍ଥା କଣ ?

----

**Upgradation of CHC, Kanas Block**

2080 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Is the Government aware that the existing Community Health Center (CHC) in Kanas Block is ill-equipped to handle trauma, cardiac and critical care emergencies, forcing over 1.2 lakh residents to rush to Puri DHH (30+ km) or AIIMS Bhubaneswar (45+ km) during the "Golden Hour," often resulting in preventable fatalities, (b) What is the specific "referral rate" from Kanas CHC to tertiary centers in Puri and Bhubaneswar over the last 3 years? Does the high referral volume not justify the upgradation of Kanas CHC into a 100-bed Sub- Divisional Hospital (SDH), Despite the district of Puri facing an 88% shortfall in hospital beds against WHO norms (as per latest technical due diligence reports), why has Kanas Block been excluded from recent "Ama Hospital" infrastructure upgrades for critical care units ?

----

**ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ**

2081 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଅନେକ ଯୋଗ୍ୟ ଓ ଆବଶ୍ୟକୀୟ ପରିବାର ଆୟୁଷ୍ମାନ ଭାରତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଲାଭ ପାଇବା ପାଇଁ ଯୋଗ୍ୟ ବିବେଚିତ ହେଉଥିବା ସତ୍ତ୍ୱେ ration card ନଥିବା କାରଣରୁ ସେମାନେ ଏହି ଜୀବନ ଜରୁରୀ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି, ଉକ୍ତ ପରିପ୍ରେକ୍ଷୀରେ ରାଜ୍ୟ ସରକାର ration card ନଥିବା ସତ୍ତ୍ୱେ ଯୋଗ୍ୟ ପରିବାରମାନଙ୍କୁ ଆୟୁଷ୍ମାନ card ର ସୁବିଧା ଯୋଗାଇ ଦେବା ପାଇଁ ବିକଳ୍ପ ବ୍ୟବସ୍ଥା କରିବେ କି ?

----

**ନୂତନ ଗୃହ ନିର୍ମାଣ**

2082 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ PHC, CHC, SDH, DHH ର ନୂତନ ଗୃହ ନିର୍ମାଣ ଓ ମରାମତି ବାବଦରେ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ଗତ 2020 ମସିହାରୁ ଅଦ୍ୟାବଧି କେତେ ଅର୍ଥ ପ୍ରଦାନ କରାଯାଇଛି ଏବଂ ଉକ୍ତ ଅର୍ଥକୁ କେଉଁ କେଉଁ ଡାକ୍ତରଖାନାରେ ବିନିଯୋଗ କରାଯାଇଛି ତାହାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ଏବଂ ଚଳିତ ବର୍ଷ କେଉଁ କେଉଁ ଡାକ୍ତରଖାନାଗୁଡିକ ନୂତନ ଓ ମରାମତି ପାଇଁ ପ୍ରସ୍ତାବ ରଖିଛନ୍ତି ?

----

## ଉନ୍ନତମାନର ସେବା ପ୍ରଦାନ

2083 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର, ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆବଶ୍ୟକୀୟ ମୁତାବକ ଡାକ୍ତର ଓ କର୍ମଚୌରୀ ଅଛନ୍ତି କି, ଯଦି ନାଁ, ତେବେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର କି ପ୍ରଦାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ରହଣୀ ପାଇଁ ବ୍ୟବସ୍ଥା

2084 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶା ଭବନ, ନୂଆ ଦିଲ୍ଲୀର ପୁନଃ ନିର୍ମାଣ ପ୍ରସ୍ତାବ ଯୋଗୁଁ ଓଡିଶାରୁ ଯାଉଥିବା କେଉଁ ସ୍ତରର ଅଧିକାରୀ, ବିଧାୟକ, ମନ୍ତ୍ରୀ, ସାଂସଦ ସମେତ ଅନ୍ୟାନ୍ୟ କ୍ୟାଟେଗୋରୀ-1 (Category-1) ଅନ୍ତର୍ଭୁକ୍ତ ଅତିଥିମାନଙ୍କୁ ନୂଆଦିଲ୍ଲୀରେ କେଉଁ ଠାରେ ଅବସ୍ଥାନର ବନ୍ଦୋବସ୍ତ କରାଯାଉଛି, ଏ ବାବଦକୁ ସରକାର କେତେ ଅର୍ଥ ଏ ପର୍ଯ୍ୟନ୍ତ ବ୍ୟୟ କରି କେତେଜଣ ଅତିଥିମାନଙ୍କୁ କେଉଁ ଠାରେ ରହଣୀ ବ୍ୟବସ୍ଥା କରାଇଛନ୍ତି ?

----

## ଭତ୍ତା ପ୍ରଦାନ

2085 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ପୋଲିସ୍ ବିଭାଗରେ କାର୍ଯ୍ୟରତ ବିଭିନ୍ନ ବର୍ଗର କରମଚାରୀ/ଅଫିସରମାନଙ୍କୁ କେଉଁ କେଉଁ ବାବଦକୁ କେତେ ଭତ୍ତା ପ୍ରଦାନ କରାଯାଉଛି, ପୋଲିସ୍ ବିଭାଗରେ କାର୍ଯ୍ୟରତ ସିପାହୀ, ହାବିଲଦାର ସଂଘର ଦାବୀ ଅନୁଯାୟୀ ବିଭିନ୍ନ ଭତ୍ତା ବୃଦ୍ଧି କରାଯିବାକୁ ସରକାର ବିଚାର କରିବେ କି, (ଖ) ରାଜ୍ୟ ପୋଲିସ୍ ବିଭାଗର ବିଭିନ୍ନ ବର୍ଗରେ କାର୍ଯ୍ୟରତ ପୋଲିସ୍ କର୍ମଚାରୀ ଓ ତାଙ୍କ ପରିବାର ପରିବାର ବର୍ଗଙ୍କ ଚିକିତ୍ସା ପାଇଁ କ୍ୟାସ୍ ଲେସ୍ ହେଲଥ କାର୍ଡ ପ୍ରଦାନ କରାଯାଇ କିମ୍ବା ସ୍ୱାସ୍ଥ୍ୟ ବୀମା କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା ପ୍ରଦାନ ପାଇଁ ପଦକ୍ଷେପ ନେବେ କି ?

----

## ମାମଲାଗୁଡିକର ସ୍ଥିତି

**2086 ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜୁନ-2024 ରୁ ଆଜି ପର୍ଯ୍ୟନ୍ତ କେତେ ସରକାରୀ କର୍ମଚାରୀ ଓ ଅଫିସରମାନଙ୍କୁ ଅଫିସ ପରିସରରେ ଓ ବାହାରେ କାର୍ଯ୍ୟରତ ଅବସ୍ଥାରେ ବିଭିନ୍ନ ବ୍ୟକ୍ତିବିଶେଷମାନେ ଶାରିରୀକ ଆକ୍ରମଣ ଓ ମାନସିକ ନିର୍ଯ୍ୟାତନା ଦେଇଥିବା ଭଳି ଘଟଣାର ବିଭିନ୍ନ ଥାନାରେ ଏତଲା ହୋଇଥିଲା ; କେତୋଟି ମାମଲା ପଞ୍ଜିକୃତ ହୋଇଥିଲା ; ଏସବୁ ମାମଲା ଗୁଡିକର ସ୍ଥିତି କଣ ; କେତେଜଣ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି?

----

**PMR ବିଭାଗ ଖୋଲିବା ସମ୍ପର୍କରେ**

**2087 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୩ ବର୍ଷ ତଳେ ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ର କଟକର ଭିତିଭୂମି ଓ ମାନବସମ୍ବଳର ସଦୁପଯୋଗ ଉଦ୍ଦେଶ୍ୟରେ ଏହାର ପରିଚାଳନା କମିଟିକୁ ଗାଁଗି କି SCB ମେଡିକାଲ କଲେଜ, PMR ବିଭାଗ କରିବା ପାଇଁ ଯେଉଁ ନିଷ୍ପତି ନେଇଥିଲେ ତାହା କେତେଦୂର କାର୍ଯ୍ୟକାରି ହୋଇଛି ଓ ଏହିସମିଶ୍ରଣ ପକ୍ରିୟା କେବେ ସମ୍ପୂର୍ଣ ହେବ ?

----

**କର୍ମଚାରୀଙ୍କ ନିଯୁକ୍ତି ସମ୍ପର୍କରେ**

**2088 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେଉଁ ପଦବୀରେ କେତେ ସଂଖ୍ୟକ ଅଧିକାରୀ/କର୍ମଚାରୀ ଚୁକ୍ତି ଭିତ୍ତିକ ଓ ବାହାର କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ବିଭିନ୍ନ ବିଭାଗ ଅଧୀନରେ କେବେ ଠାରୁ କାର୍ଯ୍ୟକରୁଛନ୍ତି; ତାହାର ଜିଲ୍ଲା ଓ କାର୍ଯ୍ୟନିର୍ବାହୀ ସଂସ୍ଥା ୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ନିଯୁକ୍ତି ପାଇଁ ORV ଆଇନି ଲାଗୁ ହେଉଥିଲେ କାର୍ଯ୍ୟରତ ସମ୍ପୃକ୍ତ କର୍ମଚାରୀଙ୍କ ସଂଖ୍ୟା କେଉଁ ବର୍ଗରୁ କେତେ ବିଭିନ୍ନ ବିଭାସ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

**Provide a Morgue House and Dead Body Carrier**

**2089 ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) In Biramitrapur constituency there are four C.H.C's Hospitals but there are no Morgue House as well as the Dead Body Carrier, (b) will the govt. provide Morgue House and Dead Body Carrier, Ambulance in every C.H.C's of Biramitrapur constituency ?

----

**PHC କୁ CHC ମାନ୍ୟତା**

2090 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ N.H.-18 ପାର୍ଶ୍ୱରେ ଅବସ୍ଥିତ ବୈଶିଙ୍ଗା PHC ଆଜକୁ ୧୦୦ ବର୍ଷ ହେବା ସତ୍ତ୍ୱେ ଏକ ୨୦,୦୦୦ ଜନସଂଖ୍ୟା ବିଶିଷ୍ଟ ଏରିଆ, ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଆସୁଛନ୍ତି, ଦୀର୍ଘ ଦିନରୁ CHC ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ, ବୈଶିଙ୍ଗା PHC କୁ CHC ର ମାନ୍ୟତା ନଦେବାର କାରଣ କ'ଣ ଏବଂ କେବେ ସୁଦ୍ଧା ଲୋକମାନଙ୍କର ବୃହତ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଶିଙ୍ଗାକୁ CHC ର ମାନ୍ୟତା ଦେବେ ?

----

## ଜିଆରପି ଫାଣ୍ଡି ସ୍ଥାପନ

2091 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜୟପୁର ରେଲୱେ ଷ୍ଟେସନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ପୁଲିସ ଜିଆରପି ଫାଣ୍ଡି କିମ୍ବା ଥାନା କରିବେ କି ଅଧିକାଂଶ ଷ୍ଟେସନରେ ଜିଆରପି ପାଇଁ ଘର ନଥିବାରୁ ନିର୍ମାଣ ପାଇଁ ପଦକ୍ଷେପ ନେବେ କି ?

----

## ଡାଏଲେସିସ୍ ମେସିନ୍ ସ୍ଥାପନ

2092 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Dialysate fluid ଅଭାବରୁ କଟକ ବଡ ଡାକ୍ତରଖାନାଠାରୁ ଆରମ୍ଭ କରି ବିଭିନ୍ନ hospital ଗୁଡିକରେ dialysis machine ଗୁଡିକ ଅଚଳ ହୋଇଯାଇଥିବା ଏବଂ ଏହାଦ୍ୱାରା ରୋଗୀମାନେ ହଇରାଣ ହରକତ ହେଉଥିବା ବିଷୟ ସରକାରଙ୍କ ନଜରକୁ ଆସିଛି କି, ଯଦି ଉତ୍ତର ହଁ ହୁଏ, ତେବେ ସରକାର ଏ ଦିଗରେ ଏହାକୁ ଯୋଗାଇ ଦେବା ପାଇଁ କଣ ପଦକ୍ଷେପ ନେଇଛନ୍ତି ଏବଂ ଏବେ ସୁଦ୍ଧା କେଉଁ କେଉଁ hospital ରେ ରୋଗୀସେବା ପୁଣି କାର୍ଯ୍ୟକ୍ଷମ ହୋଇଛି ?

----

## Book Circular-47

2093 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total number of complaints received from Members of Legislative Assembly (MLAs) regarding non- compliance with Book Circular-47 and violation of protocol by government officials from 2022 till date; (b) The department-wise and district-wise details of such complaints; and the specific actions taken against the erring officials in each case, including the number of officers suspended, issued show-cause notices, or penalized for disrespecting elected representatives?

----

**Lapses in Jail**

**2094 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) The total number of under-trial prisoners (UTPs) and convicts who have escaped from custody or various jails in Odisha during the last 5 years, with jail-wise details; (b) The current status of these escapees, specifically indicating how many have been recaptured and how many are still at large (absconding); and the case-wise details of disciplinary or legal actions taken against the jail officials and security personnel found responsible for these lapses?

----

**Appointment by Agencies**

**2095 ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

- Which services Pratyush and Nirakar agency or any such kind of agencies have been entrusted by the department for District Headquarter Hospital Puri, Sri Jagannath Medical College & Hospital and other Health centres in the district, how many such appointments have been done by both the agencies till date and also for the Financial year 2024-25, 2025-26 and for which kind of post or services and what is the contract value, time and tenure of all such agencies; Will the Govt, provide the above said details ?

----

**ପୋଲିସ ପଦବୀ ପୂରଣ**

**2096 ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାରେ ପୋଲିସ ବିଭାଗର ବିଭିନ୍ନ ବର୍ଗରେ (Constable, ASI, SI, Inspector) କେତେ ସଂଖ୍ୟକ ପଦବୀ ମଞ୍ଜୁରୀ ପ୍ରାପ୍ତ ଏବଂ ସେଥିମଧ୍ୟରୁ କେତୋଟି ପଦବୀ ଏପର୍ଯ୍ୟନ୍ତ ଖାଲି ପଡ଼ିଛି, (ଖ) ନୀଳଗିରି ନିର୍ବାଚନ ମଣ୍ଡଳୀର ସୀମାନ୍ତରେ ଥିବା ଇଶ୍ୱରପୁର ଫାଣ୍ଡି ଏବଂ ଅଯୋଧ୍ୟା ଫାଣ୍ଡିରେ ପୋଲିସ ଗାଡ଼ିର ଅଭାବ ଥିବାରୁ ଅପରାଧ ନିୟନ୍ତ୍ରଣ ଓ ପାଟ୍ରୋଲିଂରେ ବାଧା ସୃଷ୍ଟି ହେଉଛି, ଏହା ସରକାରଙ୍କ ଅବଗତିରେ ଅଛି କି, ଖାଲି ପଡ଼ିଥିବା ପୋଲିସ ପଦବୀଗୁଡ଼ିକୁ ପୂରଣ କରିବା ଏବଂ ଉକ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଣ୍ଡିକୁ ତୁରନ୍ତ ସରକାରୀ ଗାଡ଼ି ଯୋଗାଇ ଦେବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ବାଲେଶ୍ୱର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ସ୍ୱତନ୍ତ୍ର ଭାବେ କେତେ ନୂତନ ଗାଡ଼ି କିଣାଯିବାର ପ୍ରସ୍ତାବ ରହିଛି ଏବଂ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ICU ସୁବିଧା ପ୍ରଦାନ

2097 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାର ସରକାରୀ ଓ ବେସରକାରୀ ଚିକିତ୍ସାଳୟମାନଙ୍କରେ ପର୍ଯ୍ୟାପ୍ତ ICU ସୁବିଧାର ଅଭାବ ଯୋଗୁଁ ରୋଗୀମାନଙ୍କର ଅକାଳ ମୃତ୍ୟୁ ଘଟୁଥିବା ବିଷୟରେ ସରକାରଙ୍କ ଅବଗତ ଅଛନ୍ତି କି ; (ଖ) ଗତ ତିନି ବର୍ଷ ମଧ୍ୟରେ ICU ବେଡ୍ ନ ମିଳିବା କିମ୍ବା ସମୟମତେ ଆବଶ୍ୟକ ଜରୁରୀ ଚିକିତ୍ସା ନ ମିଳିବାରୁ କେତେ ରୋଗୀଙ୍କ ମୃତ୍ୟୁ ଘଟିଛି ଜିଲ୍ଲା ଅନୁସାରେ ବିବରଣୀ ଦେବେ କି; ରାଜ୍ୟର ପ୍ରତ୍ୟକ ଜିଲ୍ଲା ହସ୍ପିଟାଲରେ ଆବଶ୍ୟକ ICU ବେଡ୍, ଭେଣ୍ଟିଲେଟର ଓ ପ୍ରଶିକ୍ଷିତ ମାନବ ସଂଶୋଧନ ସୁନିଶ୍ଚିତ କରିବା ପାଇଁ ସରକାର କେମିତି କାର୍ଯ୍ୟପଦକ୍ଷେପ ଗ୍ରହଣ କରିଛନ୍ତି; ବେସରକାରୀ ଚିକିତ୍ସାଳୟମାନଙ୍କରେ ICU ଚିକିତ୍ସାର ଅତ୍ୟଧିକ ଖର୍ଚ୍ଚ ଯୋଗୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରୋଗୀମାନେ ଚିକିତ୍ସାରୁ ବଞ୍ଚିତ ହେଉଥିବା ବିଷୟରେ ସରକାର ସଚେତନ କି; ଯଦି ହଁ, ଏହାକୁ ନିୟନ୍ତ୍ରଣ କରିବା ପାଇଁ କଣ ବ୍ୟବସ୍ଥା ନିଆଯାଇଛି; ରାଜ୍ୟରେ ICU ସୁବିଧା ବୃଦ୍ଧି ପାଇଁ ସମୟବଦ୍ଧ ଯୋଜନା ରହିଛି କି; ଯଦି ହଁ, ତାହାର ତଥ୍ୟ ସହିତ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଖାଲିଥିବା ASO ପଦବୀ ପୂରଣ

2098 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସଚିବାଳୟ ସେବାରେ ମୂଳ ASO ବର୍ଗରେ ମୋଟ ମଂଜୁରୀପ୍ରାପ୍ତ ପଦବୀ କେତେ ରହିଛି ଓ ତା ମଧ୍ୟରୁ ଆଜିର ଦିନରେ କେତେ ପଦବୀ ଖାଲି ପଡିଛି ; ଖାଲିପଡିଥିବା ପଦବୀ ମଧ୍ୟରୁ କେଉଁ ବର୍ଷ କେତେ ପଦବୀ ଖାଲି ହୋଇଛି ; ସେସବୁ ଖାଲି ପଦବୀ ପୂରଣ ପାଇଁ କଣ ସବୁ ପଦକ୍ଷେପ ନିଆଯାଇଛି ଓ କେବେ ସୁଦ୍ଧା ଏହାକୁ ପୂରଣ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି?

----

## ଖାଲିପଡିଥିବା ପଦବୀ ସମ୍ପର୍କରେ

2099 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ ସଂଖ୍ୟା-1181/ତା.22.09.2025 ରିଖର ଉତ୍ତର ପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ- ରାଜ୍ୟରେ ବର୍ତ୍ତମାନ 45 IAS ପଦବୀ, 66 IPS ପଦବୀ, 71 IFS ପଦବୀ ଖାଲିପଡିଛି ; ଏ ଖାଲି ପଦବୀ ମଧ୍ୟରୁ ବିଭିନ୍ନ ସେବାର କେଉଁ ସ୍ତରରେ କେତେ ପଦବୀ ଖାଲିପଡିଛି ଓ ତାର କାରଣ କଣ?

----

## ବିଭିନ୍ନ ସେବାରେ ପଦବୀ ପାଇଁ ପ୍ରାର୍ଥୀ ଚୟନ

**2100 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2024 ମସିହା ଜୁନ୍ ମାସ ଠାରୁ ଆଜି ପର୍ଯ୍ୟନ୍ତ ସରକାର OPSC, OSSC, OSSSC, OPRB, OSSB ଇତ୍ୟାଦି ସଂସ୍ଥାକୁ କେଉଁ ବିଭାଗର କେଉଁ ସେବାର କେତେ ପଦବୀ ପାଇଁ ପ୍ରାର୍ଥୀ ଚୟନ ସକାଶେ ଅନୁରୋଧ କରିଥିଲେ ; ସେଥିମଧ୍ୟରୁ କେତେ ବିଜ୍ଞାପନକୁ ସରକାର ଇତି ମଧ୍ୟରେ ପ୍ରତ୍ୟାହାର କରିଛନ୍ତି?

----

## ନିଯୁକ୍ତି ଓ ଚୟନ ପାଇଁ ବିଜ୍ଞାପନ

**2101 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ସରକାର 2024 ମସିହା ଜୁନ୍ ମାସ ଠାରୁ ଆଜି ପର୍ଯ୍ୟନ୍ତ କେଉଁ ସେବାରେ କେତେ ନୂତନ ନିଯୁକ୍ତି ଦେଇଛନ୍ତି ; ଏ ସମସ୍ତ ନିଯୁକ୍ତି ଓ ଚୟନ ପାଇଁ କେବେ ବିଜ୍ଞାପନ ପ୍ରକାଶ ପାଇଥିଲା ; (ଖ) ଆଜିର ଦିନରେ କେଉଁ ସେବାରେ କେତେ ମୂଳ ପଦବୀ ଖାଲିପଡିଛି ଓ ସେସବୁକୁ କେବେ ସୁଦ୍ଧା ପୂରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି?

----

## ବକେୟା ଦେୟ ପରିଶୋଧ

**2102 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଷ୍ଟ୍ରାୟତ୍ତ ସଂସ୍ଥା ବି.ଏସ୍.ଏନ୍.ଏଲ୍. ସହିତ କେଉଁ ଟେଲିକମ୍ କମ୍ପାନୀର ରାଜ୍ୟ ସରକାରଙ୍କ ଉପରେ କେତେ ଦେୟ ବକେୟା ଅଛି ଓ ତାହାକୁ ପରିଶୋଧ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଅବସର ନେଇଥିବା କର୍ମଚାରୀଙ୍କୁ ନିୟୋଜନ

**2103 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡିଶା ସଚିବାଳୟ ସେବା, ଓଡିଶା ସଚିବାଳୟ କ୍ଷୀପ୍ରଲିପିକ ସେବା ଓ ଓଡିଶା ସଚିବାଳୟ ଲିପିକ ସେବାରେ କାର୍ଯ୍ୟକରି ଅବସର ନେଇଥିବା କେଉଁ ଅଧିକାରୀମାନଙ୍କୁ ପୁନର୍ବାର କେଉଁ ପଦବୀରେ କେବେଠାରୁ ନିୟୋଜନ କରାଯାଇଛି ; ତନ୍ମଧ୍ୟରୁ କେଉଁମାନେ ୬1, ୬2, ୬3, ୬4, ୬5, ୬୬, 67 ଓ ୬8 ବର୍ଷ ବା ତଦୁର୍ଦ୍ଧ ବୟସରେ ଉପନୀତ ହୋଇଛନ୍ତି ପ୍ରକାଶ କରି ନୂତନ ନିୟୋଜନ ପୂର୍ବକ ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ସୁସ୍ଥ ଅବସର ଜୀବନ ନିର୍ବାହ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

2104 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାରୀ କର୍ମଚାରୀମାନେ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରିବା ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ହୋଇଥିବା ବେଳେ କେଉଁମାନେ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପତ୍ତି ତାଲିକା ଦାଖଲ କରିବାରେ ବିଫଳ ହୋଇଛନ୍ତି ପ୍ରକାଶ କରି ଏହି ସମ୍ପତ୍ତି ତାଲିକା ଦାଖଲ କରୁନଥିବା ଅଧିକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି?

----

## ଉନ୍ନୟନ କାର୍ଯ୍ୟର ବିବରଣୀ

2105 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନ କାର୍ଯ୍ୟକ୍ରମରେ ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ବିଗତ ତିନି ବର୍ଷରେ କେଉଁ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନୟନ ପାଇଁ କେତେ ଅର୍ଥ ଖର୍ଚ୍ଚ କରାଯାଇ କି କି ଉନ୍ନୟନ କାର୍ଯ୍ୟ କରାଯାଇଛି?

----

## ରକ୍ତ ଭଣ୍ଡାର ସ୍ଥାପନ

2106 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) WHO ଏବଂ IPHS ମାନଦଣ୍ଡ ଅନୁସାରେ ସମ୍ବଲପୁର ଜିଲ୍ଲାରେ ଆବଶ୍ୟକୀୟ ହସ୍ପିଟାଲ ଶଯ୍ୟା ତୁଳନାରେ 43.୩୨% ଅଭାବ ଥିବା କଥା ସରକାର ଅବଗତ ଅଛନ୍ତି କି ; (ଖ) ରେଙ୍ଗାଲିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ (CHC) 24/7 ଜରୁରୀକାଳୀନ ଡାକ୍ତର ଏବଂ ରକ୍ତ ଭଣ୍ଡାର ସୁବିଧା ନଥିବା ଯୋଗୁଁ ଲୋକେ 40 କିଲୋମିଟର ଦୂର ବୁର୍ଲା ଯିବାକୁ ବାଧ୍ୟ ହେଉଥିବା ସତ୍ୟ କି?

----

## ନକଲି ଔଷଧ ବିକ୍ରୟ

2107 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ବଲପୁର ଅଞ୍ଚଳରେ କ୍ରମାଗତ ଭାବେ ନକଲି ଔଷଧ ଏବଂ ବେଆଇନ କଫ୍ ସିରପ ଜବତ ହେଉଛି, ସମ୍ବଲପୁର ରେଞ୍ଜ ଡ୍ରଗ୍ସ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ଏହି 'ଔଷଧ ମାଫିଆ' ଙ୍କୁ ରୋକିବାରେ ବିଫଳ ହେବାର କାରଣ କ'ଣ, ଗତ ଏକ ବର୍ଷ ମଧ୍ୟରେ ରେଙ୍ଗାଲି ବ୍ଲକର କେତୋଟି ଔଷଧ ଦୋକାନକୁ ଡ୍ରଗ୍ସ ଇନ୍ସପେକ୍ଟର ସ୍ୱୟଂ ପରିଦର୍ଶନ କରିଛନ୍ତି, ରେଙ୍ଗାଲି ଏବଂ ଲପଙ୍ଗା ଶିଳ୍ପାଞ୍ଚଳରେ ଚାଲୁଥିବା ବେଆଇନ 'କ୍ଲିନିକ' ଏବଂ ବିନା ଲାଇସେନ୍ସରେ ଚାଲୁଥିବା ମେଡିକାଲ ଷ୍ଟୋରଗୁଡ଼ିକ ଉପରେ କେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ?

----

## U-PHC ପ୍ରତିଷ୍ଠା କରିବାକୁ ପ୍ରସ୍ତାବ

2108 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରେଙ୍ଗାଲି ଶିଳ୍ପାଞ୍ଚଳ ନିକଟରେ ଥିବା ଜଳ ଉତ୍ସଗୁଡ଼ିକରୁ PHEO ଦ୍ୱାରା ଗତ ୬ ମାସ ମଧ୍ୟରେ କରାଯାଇଥିବା ଜଳ ପରୀକ୍ଷା ତଥ୍ୟ ପ୍ରଦାନ କରିବେ କି, (ଖ) ରେଙ୍ଗାଲି ସହରାଞ୍ଚଳ ବସ୍ତିରେ ବୃଦ୍ଧି ପାଉଥିବା ଶ୍ୱାସକ୍ରିୟା ଜନିତ ରୋଗ (COPD) ଏବଂ ଚର୍ମ ରୋଗ ବିଷୟରେ ବିଭାଗ ଅବଗତ ଅଛି କି, ଏହି ଶିଳ୍ପାଞ୍ଚଳ ପାଇଁ ସ୍ୱତନ୍ତ୍ର ଭାବେ ଏକ ସହରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (U-PHC) ପ୍ରତିଷ୍ଠା କରିବାର କୌଣସି ଯୋଜନା ଅଛି କି ?

----

## ବିଶେଷଜ୍ଞ ଡାକ୍ତର ନିଯୁକ୍ତି

2109 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୬ ଜାନୁଆରୀ ସୁଦ୍ଧା ବୁର୍ଲା VIMSARର ସୁପର ସ୍ପେଶାଲିଟି ବିଲ୍ଡିଂ ଏବଂ ଯନ୍ତ୍ରପାତି କିଣା ବାବଦରେ ସରକାର କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, (ଖ) ବିଲ୍ଡିଂ ପ୍ରସ୍ତୁତ ଥିଲେ ସୁଦ୍ଧା କେବଳ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁଁ ୫ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ (Gastroenterology, Endocrinology, Plastic Surgery, Paediatric Surgery ଓ Clinical Haematology) ଏବେବି ଅଚଳ ହୋଇ (ଗ) ପଶ୍ଚିମ ଓଡ଼ିଶାର ଏହି ପ୍ରମୁଖ ଚିକିତ୍ସାଳୟରେ ସ୍ଥାୟୀ ନିଯୁକ୍ତି ପାଇଁ OPSC ମାଧ୍ୟମରେ କେବେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ କେଉଁ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଏହି ସୁପର ସ୍ପେଶାଲିଟି ସେବା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ?

----

## MCH ଡାକ୍ତର ନିଯୁକ୍ତି

2110 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋରୋ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାନୀୟ ଅଂଚଳରୁ ଆସି, ମାସିକ ହାରାହାରି କେତେ ଜଣ ମହିଳା ମାତୃତ୍ୱ ଜନିତ ଚିକିତ୍ସା ବା ମୁଁ ଯତ୍ନ ପାଇଁ ଭର୍ତ୍ତି ହୋଇଥାନ୍ତି ଓ କେତେଜଣଙ୍କୁ ଜିଲ୍ଲା / ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ କିମ୍ବା ଅନ୍ୟତ୍ର ପଠାଯାଇଥାଏ ଗତ 2 ବର୍ଷ ତଥ୍ୟ ମାସ ୱାରୀ ପ୍ରଦାନ କରିବେ କି, ଏବଂ ସୋରୋ ମାତୃତ୍ୱ ଯତ୍ନ ଗୃହ (MCH) ରେ ନିଶ୍ଚେତକ (ଆନାସ୍ଥେସିଆ) ଡାକ୍ତର ନଥିବାରୁ ଏହି ଏମ୍.ସି.ଏଚ୍ କୁ ଆସୁଥିବା ମହିଳା ରୋଗୀ ବିଶେଷକରି ଭେକୁମ କିମ୍ବା ସିଜେରିଆନ ଜରିଆରେ ପ୍ରସବ କରାଇନପାରି ଦୁରଦୂରାନ୍ତକୁ ଯିବାକୁ ବାଧ୍ୟ ହୋଇଥାନ୍ତି ଏବଂ ଆର୍ଥିକ ଓ ଶାରିରୀକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି, ଏଣୁ ସୋରୋ MCH ରେ ଏକ ନିଶ୍ଚେତକ ଚିକିତ୍ସକ (ଆନାସ୍ଥେସିଆ ଡାକ୍ତର) ନିଯୁକ୍ତି କରିବାକୁ ପଦକ୍ଷେପ ଗ୍ରହଣ କରିବେ କି ?

----

## ସୋରୋ ଠାରେTrauma Care Centre ସ୍ଥାପନ

2111 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋରୋ CHC କୁ Sub - Divisional Hospital କରିବା ପାଇଁ ଦୀର୍ଘ ଦିନରୁ ଦାବୀ ହୋଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଘୋଷଣା ନ ହେବାର କାରଣ କଣ, (ଖ) ବିଧାନ ଅଣତାରକା ପ୍ରଶ୍ନ ସଂଖ୍ୟା.1017, ତାରିଖ 22.09.2025 ର ଉତ୍ତର ଅନୁଯାୟୀ ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋରୋରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ Trauma Care Centre କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଅଦ୍ୟାବଧି ସେଠାରେ ଆବଶ୍ୟକ ଭିତ୍ତିଭୂମି ସହ, ଉକ୍ତ ଗୋଷ୍ଠୀ କେନ୍ଦ୍ରରେ Trauma Care Centre କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## Blood Bank ରେ କର୍ମଚାରୀ ନିଯୁକ୍ତି

2112 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) ସୋରୋ CHC ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ପ୍ରତ୍ୟେକ ଦିନ ଦୁର୍ଘଟଣା ଜନିତ ଗୁରୁତର ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି ସୋରୋ CHC ରେ ICU Bed ଉପଲବ୍ଧ ନଥିବାରୁ ଗୁରୁତର ରୋଗୀଙ୍କ ନିମନ୍ତେ ଅତ୍ୟାବଶ୍ୟକୀୟ ଚିକିତ୍ସା ସୁବିଧା ବିଶେଷ କରି ICU ଉପଲବ୍ଧ ନଥିବା କାରଣରୁ ବହୁ ସଂଖ୍ୟକ ରୋଗୀ ମୃତ୍ୟୁମୁଖରେ ପଡୁଥିବା ପରିପ୍ରେକ୍ଷୀରେ ସୋରୋ CHC ରେ ICU unit ଖୋଲିବା ପାଇଁ ସରକାର ପଦକ୍ଷେପ ନେବେ କି , (ଖ) ଗୁରୁତର ରୋଗୀଙ୍କୁ ବାଲେଶ୍ୱର ଓ cuttack ହସ୍ପିଟାଲ ନେବା ପାଇଁ Advance Life Support ବ୍ୟବସ୍ଥା ଥିବା ଆମ୍ବୁଲାନ୍ସର ବ୍ୟବସ୍ଥା କରିବେ କି, ସୋରୋ CHC ଠାରେ ଦିର୍ଘଦିନ ଧରି ନିର୍ମିତ ହୋଇଥିବା Blood Bank କେବେସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ଏବଂ କେବେ ସୁଦ୍ଧା blood bank ର ଆବଶ୍ୟକ କର୍ମଚାରୀ ନିଯୁକ୍ତି ହେବେ ? ?

----

## ଗୋପୀନାଥପୁର ଠାରେ ଫାଣ୍ଡି ପ୍ରତିଷ୍ଠା

2113 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ସୋରୋ ନିର୍ବାଚନ ମଣ୍ଡଳୀରେ ଗତ 2 ବର୍ଷ ମଧ୍ୟରେ କେତେଗୋଟି କେଉଁ ତାରିଖରେ ଚୋରୀ, ଡକାୟତି, ସଶସ୍ତ୍ର ଡକାୟତି, ପକେଟ ମାର ଏବଂ ଛିନତାଇ ମାମଲା ରୁଜୁ ହୋଇଛି, ଏହି ଅଭିଯୋଗରେ କେତେ ଜଣକୁ ଗିରଫ କରାଯାଇଛି, ଚୋରି ସାମଗ୍ରୀ ଯଥା ସୁନା ଓ ଟଙ୍କା କେତେ ଜବତ ହୋଇଛି, ଜବତ ସୁନା କେତେ ଜଣଙ୍କୁ କେଉଁ ତାରିଖରେ କେତେ ଓଜନର ଫେରସ୍ତ କରାଯାଇଛି, ସେମାନଙ୍କ ନାମ ଠିକଣା ପ୍ରଦାନ କରିବେ କି, (ଖ) ସୋରୋ ନିର୍ବାଚନ ମଣ୍ଡଳୀରେ ସୋରୋ ବ୍ଲକରେ ଗୋପୀନାଥପୁର ଠାରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଆଜକୁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିବାରୁ ଏକ ଫାଣ୍ଡି ସ୍ଥାପନ କରିବେ କି ?

----

## ଫାର୍ମାସିଷ୍ଟ, ନର୍ସ ଓ ANM ଙ୍କୁ ନିୟମିତ କରିବା ପାଇଁ ଯୋଜନା

2114 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦୀର୍ଘ ୧2 ରୁ ୨୦ ବର୍ଷ ଧରି ଗ୍ରାମାଞ୍ଚଳରେ ନିରବଛିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିବା ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଫାର୍ମାସିଷ୍ଟ, ନର୍ସ ଓ ANM ଙ୍କୁ ନିୟମିତ କରିବାର କି କି ଯୋଜନା ଅଛି କି ?

----

## ନିଯୁକ୍ତି ପ୍ରଦାନ

2115 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୫ ମସିହାରେ OPSC ଦ୍ୱାରା Adv. no.୦୯ ୨୦୨୪ ରେ ୫୨୮ posts of Medical Officer in Group-A (Junior Branch) ରେ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ଓ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟର ସତ୍ୟତା ଯାଞ୍ଚ ସାରିଥିବା ସତ୍ତ୍ୱେ ଏବେ ସୁଦ୍ଧା କେତେ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ?

----

## ଶବ ବାହକ ଗାଡିର ବ୍ୟବସ୍ଥା

2116 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, PHC, CHC) ମାନଙ୍କରେ ନିଜସ୍ୱ ଶବ ବାହକ ଗାଡି ଅଛି ଓ ଯେଉଁଠାରେ ନାହିଁ କେବେ ସୁଦ୍ଧା ସରକାର ଯୋଗାଇ ଦେବେ ?

----

## ଗିରଫ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା

2117 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ୫ ବର୍ଷରେ ରାଜ୍ୟର କେଉଁ କେଉଁ ଅଞ୍ଚଳରେ କେତେ ସାମାଜିକ ତତ୍ତ୍ୱଙ୍କ Maintenance of Public Order ଆଇନ ବଳରେ ଗିରଫ କରାଯାଇଛି ଓ ସେମାନଙ୍କ ମଧ୍ୟରେ କେତେଜଣ ଜାମିନରେ ଆସି ପୁନର୍ବାର ଗଣ୍ଡଗୋଳ କରି ଧରାପଡ଼ିଛନ୍ତି , ମୁଖ୍ୟତଃ ସହରାଞ୍ଚଳରେ ଶାନ୍ତିଭଙ୍ଗ ନିତିଦିନିଆ ଘଟଣାରେ ପରିଣତ ହୋଇଥିବାରୁ ରାଜ୍ୟର ଏହି ପୁରୁଣା ଆଇନକୁ ଅଧିକ କଠୋର କରିବା ନିମନ୍ତେ ସରକାର କ'ଣ ଚିନ୍ତା କରୁଛନ୍ତି ?

----

## ଶାଳନିଆଁଠାରେ ନୂତନ ଦମକଳ କେନ୍ଦ୍ର ପ୍ରତିଷ୍ଠା

2118 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ନୂତନ ଭାବେ ଦମକଳ କେନ୍ଦ୍ର କେଉଁ କେଉଁ ବ୍ଲକରେ ଖୋଲିବା ପାଇଁ ପ୍ରସ୍ତାବ ଅଛି, ତନ୍ମଧ୍ୟରୁ ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଶାଳନିଆଁଠାରେ ଏକ ନୂତନ ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବ କି ?

----

## ମୋବାଇଲ ଟାୱାର ରେଞ୍ଜ ବୃଦ୍ଧି କରିବା ପାଇଁ ପଦକ୍ଷେପ

2119 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳିର ଅଧିକାଂଶ ଅଞ୍ଚଳରେ ମୋବାଇଲ ଟାୱାର ରେଞ୍ଜର ଅଭାବ ପରିଲିକ୍ଷିତ ହେଉଅଛି, ତେଣୁ ଏହାର ରେଞ୍ଜ ବୃଦ୍ଧି କରିବା ଦିଗରେ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## CHC,PHC ରେ Data Entry Operater ପଦବୀ ପୂରଣ

2120 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ସମସ୍ତ CHC, PHC ଓ ମାନଙ୍କରେ online ରେ କାର୍ଯ୍ୟ କରିବା ସହ ସମସ୍ତ କାର୍ଯ୍ୟକୁ digitalisation କରିବା ପାଇଁ ସରକାର ପ୍ରୋତ୍ସାହନ ଦେଉଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ Data Entry Operator ନ ଥିବା କଥା ସତ୍ୟ କି, ଯଦି ହଁ ହୁଏ ତେବେ ଉକ୍ତ ପଦବୀରେ ବର୍ତ୍ତମାନ କେତେ ଜଣ କାର୍ଯ୍ୟରତ ଅଛନ୍ତି ଓ କେତୋଟି ପଦବୀ ଖାଲିଅଛି ତାହାର ଏକ ତାଲିକା ବ୍ଲକୱାରୀ ପ୍ରଦାନ କରିବ ସହ ପଦବୀ ଗୁଡିକ କେବେସୁଦ୍ଧା ପୂରଣ କରିବେ ?

----

## ମଲ୍ଲିପସୀଠାରେ ନେଟୱାର୍କ ସ୍ଥାପନ

2121 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହାଟଡିହି ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ମୋବାଇଲ ନେଟୱାର୍କ ନଥିବା କାରଣରୁ ଉକ୍ତ ଅଞ୍ଚଳର ସାଧାରଣ ଜନତା ଓ ଛାତ୍ର/ଛାତ୍ରୀ ଏବଂ ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ ମୋବାଇଲ ନେଟୱାର୍କ ନଥିବା ଯୋଗୁଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତ, ବିଶେଷ କରି ହାଟଡିହି ବ୍ଲକର ବାଲିପାଳ ପଞ୍ଚାୟତର ମଲ୍ଲିପସୀଠାରେ ଏକ ନେଟୱାର୍କ ସ୍ଥାପନ କରିବେ କି ?

----

**Key Health Indicaters High in Tribal Regions**

2122 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The reason of key Health indicators such as National Mortality, Infant mortality and Malnutrition remain disporportionately high in Tribal and remote regions, and whether field level verification has been undertaken to reconcile reported achievements with ground realities ?

----

**Steps taken to institutionalize Public Accountability**

2123 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Whether any Transparent, performance based evaluation mechanism exists for senior administrative officers and if not, whether steps are being taken to institutionalize Public Accuntability ?

----

**Reason of under utilized of funds**

2124 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Will the Government clarify the reason of funds under multiple centrally sponsored schemes were either under -utilized or surrendered, leading to cost overruns and loss of development opportunities and whether responsibility has been fixed on the departments concerned for such lapes?

----

**Significant Public Investmental in IT**

2125 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The reason of despite significant Public investmental in IT infrastructure and policy incentives, the

State has not witnessed Commensurate growth in IT employment, and whether an independent review has indentified structural or policy deficiencies affecting investor confidence ?

----

## ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାମ ପାଇଁ ଆସିଥିବା ଅର୍ଥ

2126 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀର ଉନ୍ନତି, ବିକାଶ ଲାଗି 2024-25 ଓ 2025-26 ଆର୍ଥିକ ବର୍ଷରେ କେଉଁ କାମ ପାଇଁ କେଉଁ ବିଭାଗକୁ କେତେ ଅର୍ଥ ଆସିଛି ଓ ସେଥିରୁ କେତେ ଖର୍ଚ୍ଚ ହୋଇଛି କେତେ ମିଳିଛି ଜଣାଇବେ କି ?

----

## ନିଯୁକ୍ତି ପାଇଁ ପରୀକ୍ଷା

2127 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଖାଲିପଡିଥିବା ବିଭିନ୍ନ ବିଭାଗର ବିଭିନ୍ନ ପଦପଦବୀରେ ନିଯୁକ୍ତି ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ନିଯୁକ୍ତି ପରୀକ୍ଷା ପରିଚାଳନାରେ ଯେପରି ତୃଟି ନହୁଏ, ବ୍ଲାକ Listed କମ୍ପାନିଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଯେପରି ନ ମିଳେ ଓ ଆଶାୟୀ ପ୍ରାର୍ଥି ପରୀକ୍ଷା ଦେବା ପାଇଁ apply କଲାବେଳକୁ OSSSC ର Web Site ଖୋଲୁନଥିବା କଥା ସତ୍ୟ କି ଏବଂ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚାକିରି ଦେବାପାଇଁ ପଦକ୍ଷେପ ନେବେ କି ?

----

## Website ରେ ସମ୍ପୂର୍ଣ୍ଣ ତଥ୍ୟ

2128 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- E-Despach ରେ ସରକାରୀ website ରେ ସମ୍ପୂର୍ଣ୍ଣ ତଥ୍ୟ Update ହେଉନଥିବାରୁ ବହୁ ପୁରୁଣା ତଥ୍ୟ ମିଳିନଥିବାରୁ ଉଚିତ୍ ପଦକ୍ଷେପ ନେବେ କି ?

----

## ବାଲିଗୁଡାରେ PHC ଓ CHC ରେ ଡାକ୍ତର ନିଯୁକ୍ତି

2129 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ସରକାରୀ ମୋଡିକାଲ ମାନଙ୍କରେ କେଉଁ କେଉଁ PHC ଓ CHC ରେ ଡାକ୍ତର Portiry ପାଇଁ କାମରେ ଯୋଗଦେଉନାହାନ୍ତି ଓ ରୋଗୀ ସେବା ବ୍ୟାହତ ହେଉଛି ଓ ସେହିପରି ନିୟମକୁ ଯୋଜନାରେ ସରକାରୀ ଡାକ୍ତରଖାନାରେ କେତେ ପ୍ରକାର ଔଷଧ କେତେ ଟଙ୍କ ଔଷଧ ଲୋକମାନଙ୍କୁ ଦିଆଯାଇଛି ଆଉ କେଉଁ କେଉଁ ରୋଗ ପାଇଁ ଔଷଧ ଦିଆଯଉନାହିଁ ତଥ୍ୟ ଦେବେ କି ?

----

**Amount of Budget sanctioned by Finance Deptt.**

2130 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total amount sanctioned under various schemes of the Finance Department for developmental works in Bolangir Assembly Constituency during 2024-25 and 2025-26, year-wise and scheme-wise, (b) The amount released and utilised and the present physical and financial status of such works. The number of works completed, ongoing and not started, with reasons for delay, if any, and The details of works proposed or under consideration during 2025-26, along with their present status ?

----

**Establishment of Blood Bank**

2131 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government will ensure full staffing of transfusion officers, lab technicians and support staff, (b) By when will platelets, plasma and PRBC components be locally available without referral to Burla or Sambalpur, Whether funds have been sanctioned for blood bank modernisation in Balangir ?

----

**Budget Sanctioned by Home Deptt.**

2132 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total amount sanctioned under various schemes of the Home Department for developmental works in Bolangir Assembly Constituency during 2024-25 and 2025-26, year-wise and scheme-wise, (b) The amount released and utilised and the present physical and financial status of such works, The number of works completed, ongoing and not started, with reasons for delay, if any, and The details of works proposed or under consideration during 2025-26, along with their present status ?

----

**Budget sanctioned by G.A. Deptt.**

2133 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) The total amount sanctioned under various schemes of the General Administration & Public Grievance Department for development works in Bolangir Assembly Constituency during 2024-25 and 2025-26, year-wise and scheme-wise, (b) The amount released and utilised and the present physical and financial status of such works, The number of works completed, ongoing and not started, with reasons for delay, if any. and The details of works proposed or under consideration during 2025-26, along with their present status ?

----

## ଅପରାଧିକ କାର୍ଯ୍ୟକଳାପର ତାଲିକା

2134 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗତ 10 ବର୍ଷ ମଧ୍ୟରେ ଘଟିଥିବା ଅପରାଧିକ କାର୍ଯ୍ୟକଳାପର (ଯଥା- ଚୋରି, ଡକାୟତି, ହତ୍ୟା, ମହିଳା ଓ ଶିଶୁ ବିରୋଧୀ ହିଂସା, ଦୁଷ୍କର୍ମ ଓ ଗଣ ଦୁଷ୍କର୍ମ) ବର୍ଷୱାରୀ ଓ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; ଏହି ଅପରାଧ ଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ବିଭାଗ କି ପଦକ୍ଷେପ ଗ୍ରହଣ କରୁଛି?

----

## ଦ୍ରବ୍ୟ ଓ ସେବା କର ଆଦାୟର ତାଲିକା

2135 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଦେଶରେ 2017 ମସିହା ଜୁଲାଇ 1 ତାରିଖ ଠାରୁ ଦ୍ରବ୍ୟ ଓ ସେବା କର(GST) ଲାଗୁ ହେବା ପରେ ଓଡିଶା ସରକାର ସମୁଦାୟ କେତେ ପରିମାଣର ଦ୍ରବ୍ୟ ଓ ସେବା କର ଆଦାୟ କରିଛନ୍ତି ତାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ; ଏହି ନୂତନ କର ବ୍ୟବସ୍ଥା ଲାଗୁ ହେବା ଫଳରେ ରାଜ୍ୟ ସରକାର କେତେ ପରିମାଣର ରାଜସ୍ୱ ହରାଇଛନ୍ତି ଓ ସେଥିରୁ କେତେ ପରିମାଣର କ୍ଷତି/ଅର୍ଥ କେନ୍ଦ୍ର ସରକାରଙ୍କ ଦ୍ୱାରା ଭରଣା କରାଯାଇଛି ଏବଂ ଏହି ସମୟ ସୀମା ଭିତରେ ରାଜ୍ୟ ସରକାରଙ୍କର କେତେ ପରିମାଣର ରାଜସ୍ୱରେ ଅଭିବୃଦ୍ଧି ଘଟିଛି ଏବଂ ଅନ୍ୟ ରାଜ୍ୟ ତୁଳନାରେ ଏହାର ପରିମାଣ କେତେ?

----

## ସ୍ଥାନାନ୍ତରିତ ହେଉଥିବା ରୋଗୀଙ୍କ ତାଲିକା

2136 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2020 ମସିହାରୁ ଆଜି ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାର କେଉଁ କେଉଁ ଡାକ୍ତରଖାନାରୁ କେତେ ସଂଖ୍ୟକ ରୋଗୀ ଉନ୍ନତ ମାନର ଚିକିତ୍ସା ପାଇଁ SCB କଟକ ଓ ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଉଛନ୍ତି ତାର ଡାକ୍ତରଖାନାୱାରୀ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି?

----

## ଦେବଗଡ ଜିଲ୍ଲାରେ ଥିବା ମହାପ୍ରୟାଣଗାଡିର ସଂଖ୍ୟା

2137 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତେଗୋଟି ମହାପ୍ରୟାଣଗାଡି ଅଛି ଏବଂ ଆଉ କେତେଗୋଟି ନୂତନ ଗାଡି ଦେବଗଡ ପାଇଁ ଦିଆଯିବାର ଯୋଜନା ଅଛି କି?

----

## Tower ପ୍ରତିଷ୍ଠା

2138 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ ଜିଲ୍ଲାରେ କେତୋଟି କେଉଁ ବିଭାଗର Tower ରହିଅଛି ଓ ଯେଉଁ ସ୍ଥାନରେ ନେଟୱାର୍କ ପାଉନାହିଁ ସେଠାରେ କେବେ ସୁଦ୍ଧା କେଉଁ ବିଭାଗ Tower ପ୍ରତିଷ୍ଠା କରାଯିବ ଜଣାଇବେ କି?

----

## ଜେଲ, ସବଜେଲର କ୍ୟାପାସିଟି

2139 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅପରାଧିଙ୍କୁ ଦଣ୍ଡ ଦେବା ଲାଗି କେଉଁ ଜିଲ୍ଲାରେ କେତୋଟି ଜେଲ, ସବଜେଲ ନିର୍ମାଣ ହୋଇଛି ; ଏହି ସବୁ ଜେଲର କ୍ୟାପାସିଟି କେତେ ଓ ବର୍ତ୍ତମାନ କେଉଁ ଜିଲ୍ଲାରେ କେତେ କୟଦି ସଜା କାଟୁଛନ୍ତି?

----

## Number of Non-Banking Finance Company

2140 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- 1. How many Non-Banking Finance Company (NBFC) and Micro Finance Institution (MFI) working in state of Odisha; 2. How many women of Odisha have taken loan from MFI/NBFC during the last 5(five) financial years & the amount in total and what is the rate of interest of loan given by MFI/NBFC to women in Odisha; Whether Nationalized Banks working in Odisha have given any loan to MFI/NBFC; If so what is the amount and the rate of interest charged by banks (Name of the banks) during last five financial years; the profit earned by MFI/NBFC in Odisha during last five financial year and Is there any rules & regulations notified by Government of Odisha to control, regulate and monitor the MFC/NBFCs?

----

## ଖର୍ଚ୍ଚ ନହୋଇ ପଡିରହିଥିବା ଅର୍ଥ

2141 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଗତ ବର୍ଷ ବଜେଟର କେତେ ଟଙ୍କା କେଉଁ ବିଭାଗରେ ଖର୍ଚ୍ଚ ନହୋଇ ବଳକା ଅଛି ; (ଖ) 2022-23 ଏବଂ 2024-25 ମୋଟ କେନ୍ଦ୍ରୀୟ ଅନୁଦାନ କେତେ ଥିଲା ; ସେଥିରୁ କେତେ ଟଙ୍କା କେଉଁ ବିଭାଗରେ ବଳକା ରହିଛି ; ରାଜ୍ୟ G.D.P. ର କେତେ ଭାଗ ଓଡିଶାରେ ଶିକ୍ଷା, ସ୍ୱାସ୍ଥ୍ୟ ଦିଗରେ ଖର୍ଚ୍ଚ ହୁଏ?

----

## ବ୍ୟୟ ବରାଦ ବିବରଣୀ

2142 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ବଜେଟ୍ (2026-27) କେଉଁ ବିଭାଗ ପାଇଁ କେତେ ଟଙ୍କା ମଂଜୁରୀ ମିଳିଛି ; ଉକ୍ତ ସମସ୍ତ ବିଭାଗ ଗତ ବଜେଟ୍ 2025-26 ଠାରୁ କେତେ ଶତାଂଶ ଅଧିକ ବା କମ୍ ହୋଇଛି ; (ଖ) ରାଜ୍ୟ ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ପାଇଁ ଯେଉଁ ବ୍ୟୟ ବରାଦ ହୋଇଛି ତାହା ଜାତୀୟ (ବଜେଟ) ହାରର କେତେ ଭାଗ?

----

## Steps taken to fill the Doctors Post

2143 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government Is Aware that Sufficient Specialists, Doctors, And Other Paramedical Staff are not engaged In the Community Health Centres (Chcs) in the State as per Requirement; (b) If yes, ahat Steps are being taken to fill these posts; How many approved Posts of Specialists, Doctors, And Paramedical Staff In Ches are Currently Lying Vacant; will the Govt. provide District-Wise details of these vacancies ?

----

## Mobile Network and Broadband Services

2144 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- a) How many District Offices, Block Offices, Gram Panchayats and villages In Gajapati District are still Lacking Mobile Network And Broadband Services; will the Govt. provide Village-Wise and Block-Wise details of the Areas where Mobile And Broadband Connectivity is not yet Aaailable; By What Timeline is the Government planning to ensure that all District Offices, Block Offices,

Panchayat Offices, and Villages in Gajapati District are fully covered with Mobile Network and Broadband Connectivity; which Companies are Currently Providing Mobile and Broadband Services in Gajapati District?

----

### Establishment of Cyber Crime Police Station

2145 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) Whether The Government has any proposal to Establish a Cyber Crime Police Station at Paralakhemundi in Gajapati District; (b) If Yes, Provide the Details of the Proposal along with the expected Timeline for Its Establishment; If Not, Whether the Government Will Consider Setting Up such a Police Station in view of the increasing Cyber-Related Offences in the Region ?

----

### ଝିଅ ମାନଙ୍କୁ pension ର ଭାଗିଦାର

2146 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) କୌଣସି ବ୍ୟକ୍ତି ଓଡ଼ିଶା ସରକାରଙ୍କ ଠାରୁ retirement pension ପାଉଥିବେ, ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ପରେ ତାଙ୍କର ବିଧବା ଝିଅ କିମ୍ବା ସ୍ୱାମୀ ପରିତ୍ୟକ୍ତ ଝିଅ ଥିଲେ ସେମାନେ ଉକ୍ତ pension ର ଭାଗିଦାର ହୋଇପାଇବେ କି, ଯଦି ହୋଇପାରିବେ ସେଥିପାଇଁ କଣ guideline ରହିଅଛି?

----

### ICU BED ଏବଂ HDU BED ସଂଖ୍ୟା ବୃଦ୍ଧି

2147 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଆର୍ଥିକ ବଜେଟରେ ନୂତନ ICU BED ଏବଂ HDU BED ସଂଖ୍ୟା ବୃଦ୍ଧି ପାଇଁ ଅର୍ଥ ପ୍ରସ୍ତାବିତ ହୋଇଛି ତାହା କେଉଁ ହସ୍ପିଟାଲରେ କେତେ, ବିଶେଷ କରି ବାଲେଶ୍ୱର ମେଡିକାଲ କଲେଜ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହାର କଣ ଲାଭ ମିଳିବ, (ଖ) ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ DHH ରେ ରାତ୍ରିରେ ପ୍ରସବ ବା delivery ହେଉନାହିଁ ଯେଉଁ ଖବର ପ୍ରକାଶ ପାଇଛି ତାହା ସତ୍ୟ କି, ବିଗତ ଏକ ବର୍ଷର ଦିନ ବେଳା ଏବଂ ରାତ୍ରି ସମୟରେ ପୃଥକ/ଭାବେ Gynecology ବିଭାଗ ଅନ୍ତର୍ଗତ କେତେ ପ୍ରସବ ବା delivery ହୋଇଛି ?

----

### ନୂତନ ଫାଣ୍ଡି ବା ଥାନା ଖୋଲିବା ପାଇଁ ଯୋଜନା

2148 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ନୂତନ ଫାଣ୍ଡି ବା ଥାନା ଖୋଲିବା ପାଇଁ ସରକାରଙ୍କ ଯୋଜନା ଅଛି କି, ଯଦି ହଁ ତେବେ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ସହ ବାଲେଶ୍ୱରରେ କେଉଁଠି ଓ କେତେଗୋଟି ନୂତନ ପୋଲିସ ଥାନା ବା ଫାଣ୍ଡି ଖୋଲିବ, (ଖ) ଅତୀତରେ ସୀମା ନିର୍ଦ୍ଧାରଣରେ ଭୁଲ ହୋଇଥିବା ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା, ରୂପସା ଓ ସଦର ଥାନାର Serive area କୁ ପୁନଃ ନିର୍ଦ୍ଧାରିତ କରିବା ପାଇଁ ବାଲେଶ୍ୱର ଆରକ୍ଷୀ ଅଧ୍ୟକ୍ଷକଙ୍କ ପାଖରୁ ବିଭାଗ ପକ୍ଷରୁ ଏକ ରିପୋର୍ଟ ମାଗିବେ କି, ଏହି ରିପୋର୍ଟ ଆଧାରରେ ଉକ୍ତ ଥାନାର Serive area କୁ ପରିବର୍ତ୍ତନ କରି ଲୋକଙ୍କୁ ତ୍ୱରିତ ପୋଲିସ ସେବା ଯୋଗାଇ ଦେବାରେ ବିଭାଗ ସହାୟକ ହେବ କି ?

----

## ଡ୍ରଗସ୍ ପରୀକ୍ଷାଗାରର ସ୍ଥିତି

2149 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗୋଠପାଟଣାରେ କେନ୍ଦ୍ରୀୟ ଡ୍ରଗସ୍ ପରୀକ୍ଷାଗାରର ବର୍ତ୍ତମାନ ସ୍ଥିତି କଣ, ଏହା କେବେସୁଦ୍ଧା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ପରୀକ୍ଷାଗାର ପାଇଁ ଆବଶ୍ୟକ ମାନବ ସମ୍ବଳ, ଯନ୍ତ୍ରପାତି ତଥା ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରସ୍ତୁତି କେବେ ସୁଦ୍ଧା ସମ୍ପନ୍ନ ହେବ, ଉଚ୍ଚମାନର ପରୀକ୍ଷା ପାଇଁ ରାଜ୍ୟ ସାଧାରଣତଃ ଅନ୍ୟ କେଉଁ ରାଜ୍ୟ ମାନଙ୍କ ଉପରେ ନିର୍ଭରଶୀଳ ଏବଂ କି ପ୍ରକାର ରୋଗ/ପରୀକ୍ଷା ପାଇଁ କେନ୍ଦ୍ର ସରକାରଙ୍କ କି ପ୍ରକାର କେତୋଟି ସ୍ୱାସ୍ଥ୍ୟ ପ୍ରକଳ୍ପ ରାଜ୍ୟରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି, ସେହି ପ୍ରକଳ୍ପଗୁଡ଼ିକ କେବେଠାରୁ ଆରମ୍ଭ ହୋଇ ବର୍ତ୍ତମାନ କେଉଁ ସ୍ଥିତିରେ ଅଛି, କେବେସୁଦ୍ଧା କାର୍ଯ୍ୟକ୍ଷମ ହେବାର ଯୋଜନା ଅଛି ?

----

## ସମଗ୍ର ରାଜ୍ୟରେ ମୋବାଇଲ ସେବା ପ୍ରଦାନ

2150 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିକଶିତ ଓଡିଶା କରିବାକୁ ହେଲେ ସବୁ ଅଞ୍ଚଳର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ପାଖରେ ମୋବାଇଲ ସେବା ପହଞ୍ଚିବାର ଆବଶ୍ୟକତା ରହିଥିବା ସରକାର ଉପଲବ୍ଧ କରିଛନ୍ତି କି, ରାଜ୍ୟର କେଉଁ କେଉଁ ଜିଲ୍ଲାର କେତୋଟି ଗ୍ରାମରେ ଅଦ୍ୟାବଧି ମୋବାଇଲ ସେବା ଉପଲବ୍ଧ ନାହିଁ, ଯେଉଁ ଗ୍ରାମ/ଅଞ୍ଚଳରେ ମୋବାଇଲ ସେବା ଅପହଞ୍ଚ ସେଠାରେ ଜନସାଧାରଣ କିପରି ଭାବେ ସରକାରଙ୍କ ଯୋଜନାର ସୁଫଳ ପାଇପାରିବେ, ସେଥିପାଇଁ ପଦକ୍ଷେପ ନେବେ କି ?

----

## କର୍ମଚାରୀ ପଦବୀ ପୂରଣ

2151 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସୈନିକ ବୋର୍ଡ ଓ ଜିଲ୍ଲା ସେନିକ ବୋର୍ଡ କାର୍ଯ୍ୟାଳୟମାନଙ୍କ ପାଇଁ ମଞ୍ଜୁରୀପ୍ରାପ୍ତ ପଦବୀର ପ୍ରାବଧାନ ଅଛି କି, ଯଦି ହଁ, କେଉଁ ଶ୍ରେଣୀର କେତୋଟି ଲେଖାଏଁ ପଦବୀ ରହିଛି, ବର୍ତ୍ତମାନସବୁ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଛନ୍ତି କି, ସେହି କର୍ମଚାରୀମାନଙ୍କ ଦରମା ଇତ୍ୟାଦି 50:50 ସହଭାଗିତାରେ ପ୍ରଦାନ କରାଯାଇଥାଏ କିମ୍ବା ରାଜ୍ୟ ସରକାର ବହନ କରିଥାନ୍ତି ?

----

## ବଜେଟରେ ବ୍ୟୟ ବରାଦ

2152 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଭଳି ସାମାଜିକ କ୍ଷେତ୍ର ପାଇଁ ବିଗତ ୧୦ ବର୍ଷ ମଧ୍ୟରେ ବଜେଟରେ କେତେ ପରିମାଣ ଅର୍ଥ ବ୍ୟୟବରାଦ କରିଛନ୍ତି, ଏହା ମୋଟ ବଜେଟର କେତେ ପ୍ରତିଶତ, ଏବଂ ଆବଣ୍ଟିତ ଅର୍ଥରୁ କେତେ ଖର୍ଚ୍ଚ କରିଛନ୍ତି ?

----

## ସାମ୍ପ୍ରଦାୟିକ ହିଂସା ଘଟଣା

2153 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୪ ଜୁନଠାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ସାମ୍ପ୍ରଦାୟିକ ହିଂସା ଓ ଭିଡ଼ିଓ ହତ୍ୟା ଭଳି କେତୋଟି ଘଟଣା କେଉଁ କେଉଁ ଜିଲ୍ଲାର କେଉଁ କେଉଁ ସ୍ଥାନରେ ଘଟିବ ଏବଂ ଏନେଇ କଣ ପଦକ୍ଷେପ ନିଆଯାଇଛି, ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ବାଲେଶ୍ୱର ଜିଲ୍ଲାରେ ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି

2154 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ବର୍ତ୍ତମାନ କେତୋଟି ୧୦୮ ଆମ୍ବୁଲାନ୍ସ ରହିଛି, ଏସବୁ ଆମ୍ବୁଲାନ୍ସକୁ ଚଳାଇବା ପାଇଁ କେତେଜଣ ଡ୍ରାଇଭର ଓ କର୍ମଚାରୀ ନିଯୁକ୍ତି ହୋଇଛନ୍ତି; ଆମ୍ବୁଲାନ୍ସ ଡ୍ରାଇଭରମାନଙ୍କୁ ୧୨ ଘଣ୍ଟା ଡ୍ୟୁଟି କରାଯିବାକୁ ବାଧ୍ୟ କରାଯାଉଛି କି; ବର୍ତ୍ତମାନ ଜିଲ୍ଲାରେ ଚଳପ୍ରଚଳ କରୁଥିବା ଆମ୍ବୁଲାନ୍ସ ପର୍ଯ୍ୟାପ୍ତ କି; ଏହି ସଂଖ୍ୟା ବଢ଼ାଇବାକୁ ସରକାର ଚିନ୍ତା କରୁଛନ୍ତି କି ?

----

## ବାଲେଶ୍ୱର ଜିଲ୍ଲାରେ ଅପହରଣ କରାଯାଇଥିବା ନାବାଳିକାଙ୍କ ସଂଖ୍ୟା

2155 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତ ୨୦୨୫ -୨୬ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲ୍ଲାରେ କେତେଜଣ ନାବାଳିକାଙ୍କୁ ଅପହରଣ କରାଯାଇଥିଲା ଓ ସେଥିମଧ୍ୟରୁ କେତେଜଣଙ୍କୁ ପୋଲିସ ଉଦ୍ଧାର କରିବା ସହିତ ସେ ବାବଦରେ କେତେଗୋଟି ମାମଲା ରୁଜୁ ହୋଇଛି ତାହାର ଏକ ବ୍ଲକ ଏବଂ ପୌରାଞ୍ଚଳୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଜନସାଧାରଣଙ୍କ ଅଭିଯୋଗ ପଞ୍ଜିକରଣ ପାଇଁ ବ୍ୟବସ୍ଥା

2156 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବସ୍ତା ନିର୍ବାଚନ ମଣ୍ଡଳୀର ଗ୍ରାମଗୁଡିକରେ ଡିଜିଟାଲ୍ ସେବା ପ୍ରଦାନ କ୍ଷେତ୍ରରେ ଜନସାଧାରଣଙ୍କ ମତାମତ ଏବଂ ଅଭିଯୋଗ ପଞ୍ଜୀକରଣ କରିବା ପାଇଁ କଣ ବ୍ୟବସ୍ଥା ରହିଛି? ଏବେ ମଧ୍ୟ ଅନେକ ଗ୍ରାମରେ ନିର୍ଭରଯୋଗ୍ୟ ବ୍ରଡବ୍ୟାଣ୍ଡ ସୁବିଧା ନଥିବା ହେତୁ ଇଣ୍ଟରନେଟ ସଂଯୋଗକୁ ଉନ୍ନତ କରିବା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ତାହା ଜଣାଇବେ କି ?

----

## ଅନ୍ଧତ୍ୱ ଦୂରୀକରଣ ଯୋଜନାରେ ସୁଫଳ

2157 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରଙ୍କ ପକ୍ଷରୁ ଚାଲିଥିବା ଅନ୍ଧତ୍ୱ ଦୂରୀକରଣ ଓ ଦିବ୍ୟ ଦୃଷ୍ଟି ଯୋଜନାରେ ଗତ ଦୁଇବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାର କେତେ ସଂଖ୍ୟକ ଜନସାଧାରଣ ସୁଫଳ ପାଇପାରିଛନ୍ତି ତାହାର ଏକ ବ୍ଲକ ଓ ପୌରାଞ୍ଚଳୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଔଷଧ ଅଭାବ ସମ୍ପର୍କରେ

2158 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସରକାରୀ ହସ୍ପିଟାଲ ଗୁଡ଼ିକରେ ମାଗଣା ଔଷଧ ଓ ମାଗଣା ଡ଼ାଗ୍ନୋଷ୍ଟିକ ସୁବିଧା ଉପଲବ୍ଧ ଥିଲେ ମଧ୍ୟ ଅନେକ ରୋଗୀ ବାହାରୁ ଔଷଧ ଓ ପରୀକ୍ଷା କରାଇବାକୁ ବାଧ୍ୟ ହେଉଥିବା ସରକାର ଅବଗତ ଅଛନ୍ତି କି ;ବିଗତ ୩ ବର୍ଷରେ ହସ୍ପିଟାଲୱାରୀ ଭାବେ କେତେ ପ୍ରକାର ମାଗଣା ଔଷଧ ଓ ଡ଼ାଗ୍ନୋଷ୍ଟିକ ସେବା ଉପଲବ୍ଧ ଥିଲା ;କେତେଥର ଔଷଧ ଅଭାବ ଘଟିଛି ଏବଂ ଏହି ଅଭାବ ପାଇଁ କେଉଁ ଅଧିକାରୀ ଦାୟୀ, ତାହାର ବିବରଣୀ ପ୍ରଦାନ କରିବେ କି ?

----

## IT/ITes କ୍ଷେତ୍ରରେ ନିବେଶ

2159 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ IT ଓ ଇଲେକ୍ଟ୍ରୋନିକ୍ସ ଶିଳ୍ପ ବିକାଶ ଦାବି କରାଯାଉଥିବା ସତ୍ତ୍ୱେ ରାଜ୍ୟର ଯୁବକ ଯୁବତୀମାନେ ବହୁ ପରିମାଣରେ ବାହାର ରାଜ୍ୟକୁ ଚାକିରି ପାଇଁ ଯାଉଛନ୍ତି ବିଗତ ୫ ବର୍ଷରେ ରାଜ୍ୟରେ IT/ITes କ୍ଷେତ୍ରରେ କେତେ ନିବେଶ ଆସିଛି, କେତେ ସ୍ଥାନୀୟ ଯୁବକ - ଯୁବତୀଙ୍କୁ ମିଳିଛି ଏବଂ କେତେ ଲୋକ ବାହାରକୁ ଯାଇଛନ୍ତି, ତାହାର ବର୍ଷୱାରୀ ତଥ୍ୟ ରଖିବେ କି ?

----

## ସ୍ୱାସ୍ଥ୍ୟ ଢ଼ାଞ୍ଚା ଉନ୍ନତି ପାଇଁ ହୋଇଥିବା ଅର୍ଥ ମଞ୍ଜୁର

2160 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଅନେକ ଜିଲ୍ଲା ଓ ସବଡ଼ିଭିଜନାଲ ହସ୍ପିଟାଲରେ ICU,ଭେଣ୍ଟିଲେଟର, ଆବଶ୍ୟକ ଔଷଧ ଓ ଆମ୍ବୁଲାନ୍ସ ସୁବିଧା ଅଭାବ ଯୋଗୁଁ ରୋଗୀମାନଙ୍କ ମୃତ୍ୟୁ ଘଟୁଥିବା ସତ୍ୟ କି; ବିଗତ ୩ ବର୍ଷରେ ସ୍ୱାସ୍ଥ୍ୟ ଢ଼ାଞ୍ଚା ଉନ୍ନତି ପାଇଁ କେତେ ଅର୍ଥ ମଞ୍ଜୁର ହୋଇଥିଲା ଓ ବାସ୍ତବରେ କେତେ ବ୍ୟୟ ହୋଇଛି, ତାହାର ହସ୍ପିଟାଲୱାରୀ ତଥ୍ୟ ଉପସ୍ଥାପନ କରିବେ କି ?

----

## ସରେଣ୍ଡର ହୋଇଥିବା ଅର୍ଥର ପରିମାଣ

2161 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ 4 ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗରୁ କେତେ ଅର୍ଥ ବରାଦ ହୋଇଥିବା ବେଳେ କେତେ ଅର୍ଥ ଖର୍ଚ୍ଚ ହୋଇ ନ ପାରି ବିଭାଗୀୟ ମୂଖ୍ୟ ସରେଣ୍ଡର କରିଛନ୍ତି, ବିଶେଷ କରି କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବିଭିନ୍ନ ବିଭାଗରେ ମଞ୍ଜୁର ଅର୍ଥରୁ କେତେ ଖର୍ଚ୍ଚ କରି କେତେ ଫେରସ୍ତ କରିଛନ୍ତି, ଖର୍ଚ୍ଚ କରିନପାରିବା କାରଣ କଣ ଏବଂ ଖର୍ଚ୍ଚ ନକରିପାରିବା ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ?

----

## ଆମ୍ବୁଲାନ୍ସ ଗୁଡିକର ଅବ୍ୟବହାରର କାରଣ

2162 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (CDMO) ଅଧିନରେ କେତେ ସଂଖ୍ୟା ସଚଳ ଗାଡି ଓ କେତେ ଡ୍ରାଇଭର ଅଛନ୍ତି, ଯେଉଁ ଜିଲ୍ଲାମାନଙ୍କରେ ଗାଡି ତୁଳନାରେ ଡ୍ରାଇଭର କମ ଅଛନ୍ତି ସେହି ଜିଲ୍ଲାକୁ ଅନ୍ୟ ଜିଲ୍ଲାରୁ ଡ୍ରାଇଭର ସ୍ଥାନାନ୍ତରିତ ନକରି ଗାଡି ଗୁଡିକୁ ବିଶେଷ କରି ଆମ୍ବୁଲାନ୍ସ ଗୁଡିକୁ ଅବ୍ୟବହାର ହୋଇ ପଡିଥିବା କାରଣ କଣ; ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମାନେ ଏ ଦିଗରେ କି କି ପଦକ୍ଷେପ ନେଇଛନ୍ତି, ବିଶେଷ କରି ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଡ୍ରାଇଭର ନିଯୁକ୍ତି ଓ ଗାଡିଗୁଡିକ ସଠିକ ବ୍ୟବହାର ପ୍ରତି ଧ୍ୟାନ ଦେବେ କି ?

----

## ବିନା ଟେକ୍ନିସିଆନ ନିଯୁକ୍ତିରେ ମୂଲ୍ୟବାନ ଯନ୍ତ୍ରପାତି କ୍ରୟ

2163 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଚିକିତ୍ସାଳୟମାନଙ୍କରେ ବିନା ଟେକ୍ନିସିଆନ ନିଯୁକ୍ତିରେ ମୂଲ୍ୟବାନ ଯନ୍ତ୍ରପାତି କିଣି ଯୋଗାଇବାରେ ଉଲ୍ଲେଖ କରିବେ କି; ଅନେକ ସ୍ଥାନରେ ଯନ୍ତ୍ରପାତି ଅକାମୀ ହେବାରେ ସରକାର ଅବଗତ ଅଛନ୍ତି କି, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ବେସରକାରୀ ଡାକ୍ତରଖାନା / Clinic/ Nursing Home ର ତଥ୍ୟ ପ୍ରଦାନ କରିବେ କି, ସରକାରୀ ଡାକ୍ତର ବେସରକାରୀ ଚିକିତ୍ସାଳୟ/ ନର୍ସିଂହୋମ କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରୋତ୍ସାହନ କରିବା ସତ୍ୟ କି, ବେସରକାରୀ ଡାକ୍ତରଖାନା/Clinic କୁ ସରକାରୀ ଡାକ୍ତର ରୋଗୀ ସ୍ୱାସ୍ଥ୍ୟ ସେବା କୁ ଯାଉଥିବା ସରକାର ଅବଗତ ଅଛନ୍ତି କି, ନିୟମ ଅଛି କି ?

----

## Number of Cases investigated by the Crime Branch

2164 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- How many cases have been investigated by the Crime Branch, CBEOW in last 2 years and will the Govt. furnish the information on status of cases ?

----

## Cyber Crime of different category

2165 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) How many Cyber fraud stems have been arrested for their involvement in cyber crime in the state since June, 2024 to till the date, (b) will the Govt. furnish the details of the Cyber Crime of different category/offence and action taken including seize of incriminating materials and recovery of amount from fraud stems ?

----

## Policy of procurement of surgical items

2166 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) What is the policy of procurement of surgical items and Medicine being supplied to Health Deptt. for the use of different Hospital under state govt., (b) will the Govt. furnish list of empanelled vendors supplying above items & medicine and the amounts paid to the firms and along with selection procedure since June-2024 to till the

date ?

----

## ଖୁଆଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି

2167 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅଧିନସ୍ଥ ଖୁଆଡ (KHUARD) ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ମାସ ଧରି ଡାକ୍ତର ଅନୁପସ୍ଥିତ ରହିଥିବା ହେତୁ ଏହା vacant post ଥିବା ଦର୍ଶାଯାଇପାରୁନଥିବା ଏବଂ ଅପରପକ୍ଷରେ ଜନସାଧାରଣ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାବେଳେ ସରକାର ବିକଳ୍ପ ବ୍ୟବସ୍ଥା ତୁରନ୍ତ କରିବେ କି ଏବଂ deputed ଡାକ୍ତର ନିଯୁକ୍ତି ବ୍ୟବସ୍ଥା ହୋଇପାରୁନଥିବା କାରଣରୁ ସରକାର ନୂଆ ଡାକ୍ତର ନିଯୁକ୍ତି କରିବେ କି ?

----

## ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପାଇଁ ନିଷ୍ପତ୍ତି

2168 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପାଇଁ ସରକାରଙ୍କର ନୀତିଗତ ନିଷ୍ପତ୍ତି କଣ ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଅପରପାର୍ଶ୍ୱରେ ଥିବା ଗଡସାହି ବାଲିଆପାଳ ଗ୍ରାମ ପଞ୍ଚାୟତର ଗଡସାହି-ବାଲିଆପାଳ ଗ୍ରାମରେ (Gadasahi-Baliapal Village) ଭୌଗଳିକ ପରିସ୍ଥିତି କାରଣରୁ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସକାଶେ ସରକାର ପଦକ୍ଷେପ ନେବେ କି ?

----

## ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ନିଯୁକ୍ତି

2169 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (Hatigarh-CHC) ପରିସର ମଧ୍ୟରେ ନବ ନିର୍ମିତ ତିନି ତଲ ବିଶିଷ୍ଟ ନୂଆ କୋଠା ନିର୍ମାଣ ହୋଇସାରି Medical Officer Incharge ଙ୍କୁ ହସ୍ତାନ୍ତର ହୋଇସାରିଥିଲାବେଳେ କୋଠା ବ୍ୟବହାର କରାଯିବା ପାଇଁ କେତେ କରମଚାରୀ ଆବଶ୍ୟକ ସେଥିଲାଗି କର୍ମଚାରୀ ନିଯୁକ୍ତି କରିବାକୁ ସରକାର କଣ ପଦକ୍ଷେପ ନେବେ ?

----

## ମୁଣ୍ଡ ପିଛା ଆୟର ପରିମାଣ

2170 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ବର୍ତ୍ତମାନ ମୁଣ୍ଡପିଛା ଆୟ କେତେ ଏବଂ ମୁଣ୍ଡପିଛା ଆୟରେ ଓଡିଶା ଭାରତର କେତେ ନମ୍ବର ସ୍ଥାନରେ ରହିଛି, ମୁଣ୍ଡପିଛା ଆୟ ବଢ଼ାଇବା ପାଇଁ ସରକାରଙ୍କ କି କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଭିଜିଲାନ୍ସ କେସର ସ୍ଥିତି

2171 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ୫ ବର୍ଷ ମଧ୍ୟରେ (ବର୍ଷ ୱାରୀ) କେତେ କଣ କେଉଁ ବର୍ଗର ସରକାରୀ ଅଫିସରଙ୍କ ବିରୁଦ୍ଧରେ କେତେ ଭିଜିଲାନ୍ସ କେସ ହୋଇଛି, ଏହି ଭିଜିଲାନ୍ସ କେସର ସ୍ଥିତି କଣ ଏବଂ ଏଥିରୁ କେତୋଟି ଫଇସଲା ହେଲାଣି, ତାହା ଗୃହକୁ ଜଣାଇବା ସହ ଭିଜିଲାନ୍ସ ବିଭାଗକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସରକାର ଏକ ନୂତନ ନିଜସ୍ୱ କ୍ୟାଡର ସୃଷ୍ଟି କରିବେ କି ?

----

## AIର ବିଭିନ୍ନ କାର୍ଯ୍ୟାଳୟରେ ବ୍ୟାପକ ପ୍ରଚଳନ

2172 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ः**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୃତ୍ରିମ ବୁଦ୍ଧିମତ୍ତା (AI)କୁ ବିଭିନ୍ନ କାର୍ଯ୍ୟାଳୟରେ ବ୍ୟାପକ ପ୍ରଚଳନ କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି, ତାହା ଜଣାଇବା ସହ ଓଡ଼ିଶାରେ ପ୍ରତ୍ୟେକ କାର୍ଯ୍ୟାଳୟ, ସ୍କୁଲ / କଲେଜରେ AI ର ସୁବିଧା ସୁଯୋଗ ନେବା ପାଇଁ ସରକାର କି ପ୍ରକାର ପଦକ୍ଷେପ ଏବଂ ଭିତ୍ତିଭୂମି ପ୍ରଦାନ କରିଛନ୍ତି, ତାହା ଜଣାଇବେ କି, ଏହାଛଡା AI ପ୍ରଚଳନ ହେଲେ କର୍ମଚାରୀ (ସରକାରୀ/ବେସରକାରୀ) ସଂଖ୍ୟା ହ୍ରାସ ହେବାର ସମ୍ଭାବନା ରହିଛି କି ?

----

## କଳାହାଣ୍ଡି ଜିଲ୍ଲାରେ ହୋଇଥିବା ଜମାରାଶି ସଂଗ୍ରହ

2173 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ କଳାହାଣ୍ଡି ଜିଲ୍ଲା ରେ ରାଷ୍ଟ୍ରାୟତ୍ତ, ଘରୋଇ ଓ ସମବାୟ ବ୍ୟାଙ୍କ ମାନେ କେତେ ଜମାରାଶି ଗ୍ରାହକ/ଜନସାଧାରଣ ଠାରୁ ଗ୍ରହଣ କରିଥିଲା ବେଳେ କେତେ ଅର୍ଥ ଋଣ ଲଗାଣ କରିଛନ୍ତି ?

----

## ମଞ୍ଜୁରୀ ପ୍ରାପ୍ତ ବିଭିନ୍ନ ବର୍ଗର ପଦବୀ ସଂଖ୍ୟା

2174 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ः**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାର ରେଣ୍ଡୋ ମାଝୀ ମେଡ଼ିକାଲ କଲେଜ ହସପିଟାଲ ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟରେ ମଞ୍ଜୁରୀ ପ୍ରାପ୍ତ ବିଭିନ୍ନ ବର୍ଗର ପଦବୀ ସଂଖ୍ୟାର ବିସ୍ତୃତ ବିବରଣୀ ସହ କେଉଁ କେଉଁ ପଦବୀ ଖାଲି ପଡିଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେବେ କି, ଏହି ସବୁ ପଦବୀ ଗୁଡିକ କେବେ ପୂରଣ ହେବ ?

----

## Number of Mobile tower in Dharmagarh

2175 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many mobile towers (BSNL, or Pvt. Service Providers) are In Dharamgarh Assembly Constituency, How many towers in the remote areas of Kokasara & Kalampur block, Is there any provision to set up Mobile Tower in Dokri Chanchara Water Fall scenic spot in Kokasara block ?

----

**Funds released under different Heads of Account**

2176 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The Constituency-wise and District-wise details of funds released under different Heads of Account/Schemes (State Sector, Central Sector, and CSS) during the financial year 2024-25; (b) The comparative data of District-wise GSDP contribution and GST collection for the same period to assess the economic performance of each district; and Whether the Government ensures that districts contributing higher revenue receive proportionate developmental funds, or if allocations are made without regard to revenue generation ?

----

**Number of dialysis beds on DHHs and SDHs**

2177 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total number of CKD patients in the State and those diagnosed with CKD Stage-5; (b) whether essential medicines for CKD patients, including Acetyl Cysteine with Taurine, Alpha Keto analogues, Cilnidipine and Clonidine, are being provided free of cost at all CHCs and supplied regularly; ard if not, the steps being taken to ensure their availability; The number of dialysis beds in DHHs and SDHs and whether the Government proposes to provide 2—3 beds in selected CHCS with a timeline; and whether any committee has been formed to study rising CKD cases and whether screening and early detection will be expanded at Sub-Centre level ?

----

**Total number of nurses & attendants posted at SCB Medical College & Hospital**

2178 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) the total number of nurses and attendants presently posted at SCB Medical College & Hospital; and (b) the sanctioned strength and the actual working strength of nurses and attendants; Tethe current patient-to-nurse ratio and patient-to-attendant ratio in the hospital; and whether the existing manpower is adequate as per prescribed norms, and if not, the steps being taken to fill vacancies and improve these ratios ?

----

## କମ୍ପ୍ୟୁଟରୀ କରଣ

2179 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀ, ସରକାରୀ ନିଗମ, ସମବାୟ ସଂସ୍ଥା କର୍ମଚାରୀ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟ ଶିକ୍ଷକମାନଙ୍କ ମଧ୍ୟରୁ କେତେଜଣଙ୍କର ସେବା ପୁସ୍ତିକା HRMS ମାଧ୍ୟମରେ କମ୍ପ୍ୟୁଟରୀ କରଣ ମାଧ୍ୟମରେ Up to date ହୋଇଛି ଓ ଏହି ପ୍ରକ୍ରିୟା କେବେ ସୁଦ୍ଧା ସମାପନ ହେବ ?

----

## ଚିକିତ୍ସା ସୁବିଧା ପ୍ରଦାନ

2180 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ଦୁଇ ବର୍ଷରେ ଖୋର୍ଦ୍ଧା ଜିଲ୍ଲାରେ କେତେ ରୋଗୀଙ୍କୁ ଘରୋଇ ଡାକ୍ତରଖାନାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇ ଅଦ୍ୟାବଧି କେତେ ଅର୍ଥ ବ୍ୟୟ କରାଯାଇଛି ?

----

## ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ

2181 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା ଜିଲ୍ଲାରୁ ତା. 1.11.2025 ରିଖ ପୂର୍ବରୁ ଅବସର ନେଇଥିବା କେତେ ଜଣ ଆଧ୍ୟାପକ, କର୍ମଚାରୀ, ଶିକ୍ଷକ ମାନଙ୍କର ପୂର୍ଣ୍ଣାଙ୍ଗ ପେନସନ୍ ପ୍ରସ୍ତାବ ଅଦ୍ୟାବଧି ବିଚାରାଧିନ ଅଛି , ଏହି ବକେୟା ପ୍ରସ୍ତାବ ଗୁଡିକୁ ତ୍ୱରାନ୍ୱିତ କରି ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକରେ BSNL, Jio ଓ ଅନ୍ୟାନ୍ୟ Tower ପ୍ରତିଷ୍ଠା ସମ୍ପର୍କରେ

2182 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଞ୍ଜିଗଡ ବ୍ଲକ୍ ଓ ଥୁ-ରାମପୁର ବ୍ଲକ ଓ Jugsaipatan GP କେଉଁ କେଉଁ ସ୍ଥାନରେ BSNL, Jio ଓ ଅନ୍ୟାନ୍ୟ Tower ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଥିବା ତନ୍ମଧ୍ୟରୁ କେଉଁ କେଉଁ ସ୍ଥାନରେ କି କି କାର୍ଯ୍ୟ ଆରମ୍ଭ ହୋଇଅଛି, କେବେ ସୁଦ୍ଧା Tower କାର୍ଯ୍ୟ ସମାପ୍ତ ହେବ ?

----

**Health Sub Centre ରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ସମ୍ପର୍କରେ**

2183 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲାଞ୍ଜିଗଡ ନିର୍ବାଚନ ମଣ୍ଡଳି ରେ କେତେଗୋଟି Helth Sub Centre ଅଛି ପ୍ରତ୍ୟେକଟିର କେତେ କର୍ମଚାରି କାର୍ଯ୍ୟରତ ଥାଇ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି ?

----

**ବକେୟା ମାମଲାର ତାଲିକା ପ୍ରଦାନ**

2184 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ସହ ଗତ ଦୁଇବର୍ଷରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଥାନା ମାନଙ୍କରେ କେତେ ଅପରାଧିକ ମାମଲା ରୁଜୁ ହୋଇଛି, ସେଥିରୁ କେତୋଟି ଅଭିଯୋଗର ସମାଧାନ ହୋଇଛି ଓ କେତୋଟି ଅଭିଯୋଗ ବକେୟା ରହିଛି ?

----

**ପ୍ରାପ୍ୟ ଅର୍ଥ ପୈଠ କରୁନଥିବା ସମ୍ପର୍କରେ**

2185 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ କିଛି Private Life Insurance ସଂସ୍ଥା ମାନ ଚିଟଫଣ୍ଡ ମାଧ୍ୟମରେ ଭୁବନେଶ୍ୱରରେ ଚାଲୁଥିବା ଅଫିସ କାର୍ଯ୍ୟରେ ସ୍ୱଚ୍ଛତାକୁ ପରକ୍ଷୀବାକୁ Inquiry ନିମନ୍ତେ ଆଦେଶ ପ୍ରଦାନ କରିବେ କି ?

----

**CHC କୁ Sub-Divisional Medical ରେ ଘୋଷଣା ସମ୍ପର୍କରେ**

2186 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା Sub-Divisional Medical ରେ କେତେ ଜଣ ବିଶେଷଜ୍ଞ ଓ ଡାକ୍ତର ନିଯୁକ୍ତି ପାଇବାର ବ୍ୟବସ୍ଥା ରହିଛି ଗଜପତି ଜିଲ୍ଲାର CHC କୁ Sub-Divisional Medical ଭେବେ ଘୋଷଣା କରିବାକୁ ପ୍ରସ୍ତାବ ଆଣିବେ କି ଏତଦସହ ବର୍ତ୍ତମାନ CME ରେ କେତେ ଡାକ୍ତର ପଦବୀ ଖାଲିଅଛି ଏବଂ କେବେ ସୁଦ୍ଧା ଉପରୋକ୍ତ ଖାଲିପଦବି ପୂରଣ କରିବେ କି, ଏବଂ ଡାକ୍ତରଖାନାରେ ପର୍ଯ୍ୟାପ୍ତ ପରିମାଣର ନବଜାତ ଶିଶୁଙ୍କର Vaccine ଏବଂ କୁକୁର କାମୁଡା ଇଂଜେକସନ୍ Stock କରାଇବେ କି ?

----

## ସରକାରୀ କର୍ମଚାରୀଙ୍କ ପଦୋନ୍ନତି ସମ୍ପର୍କରେ

2187 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- G.A. Deptts. Circular ଏବଂ ମାନ୍ୟବର ଅଦାଲତଙ୍କ Citation ବଳରେ ଥତା " (1991) 4 SCC-109 ଅନୁସାରେ ସରକାରୀ କର୍ମଚାରୀ ଙ୍କ ପଦୋନ୍ନତି ଜନିତ DPC କୁ Life Sealted Cover ରେ ଯିବା ନିମନ୍ତେ ବିଧିଥିବା ବେଳେ C.D.I., BBSR ଙ୍କର Notification Ltr No-10555/SM/XII-D.M/SM-23/2019 dtd.07.12.2020 & Vigilance Clearance Letter No-98/VCO (B) dtd. 08.01.2020 ଅନୁସାରେ ପଦୋନ୍ନତି ଜନିତ ଆଦେଶ ଇସ୍ପାତ ଓ ଖଣି ବିଭାଗକୁ ପ୍ରଦାନ କରିବେ କି ?

----

## ଆୟୁଷ ଡ଼ାକ୍ତରଙ୍କ ନିୟୋଜନ

2188 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ଆୟୁଷ ଡ଼ାକ୍ତର ଅଛନ୍ତି; ସେମାନଙ୍କୁ କେତୋଟି ଡ଼ାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ କରାଯାଇଛି, କେତୋଟି ଆରୋଗ୍ୟ ମନ୍ଦିର କାର୍ଯ୍ୟ କରୁଅଛି, ସେମାନଙ୍କର ବାର୍ଷିକ ଆୟୁଷ ଔଷଧ ଆବଶ୍ୟକତା କେତେ ଓ କେତେ ଔଷଧ ବଣ୍ଟନ କରାଯାଉଛି ଆବଶ୍ୟକ ଅନୁସାରେ ଔଷଧ ଯୋଗାଇ ଦିଆଯାଉଛି କି ନାହିଁ ?

----

## ଥାନାରେ ପଦବୀ ପୂରଣ

2189 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ସମୁଦାୟ କେତୋଟି ଥାନା ଅଛି; ତନ୍ମଧ୍ୟରୁ ସମୁଦାୟ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ପଦବୀ ଅଛି, ଅଦ୍ୟାବଧି କେଉଁ ଥାନାରେ କେଉଁ ବର୍ଗର କେତେ ପଦବୀ ଖାଲିଅଛି, କେବେସୁଦ୍ଧା ପଦବୀ ଗୁଡ଼ିକ ପୂରଣ ପାଇଁ ନିଷ୍ପତ୍ତି ନେଇଛନ୍ତି ?

----

## ମେଡିକାଲ କଲେଜ ପ୍ରତିଷ୍ଠା

2190 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାରଙ୍କ କୌଣସି ଯୋଜନା ଅଛି କି, ଯଦି ହଁ, ତେବେ ତାହା କେବେ କାର୍ଯ୍ୟକାରୀ ହେବ କହିବେ କି, (ଖ) ରାଜ୍ୟରେ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ସରକାର ଏକ କମିଟି ଗଠନ କରିଥିବା ସତ୍ୟ କି, ଯଦି ହଁ, ଏହି କମିଟିରେ କିଏ କିଏ ସଦସ୍ୟ ଅଛନ୍ତି ଓ ଏହା କେବେ କେବେ ବୈଠକ ଡାକି କି କି ନିଷ୍ପତ୍ତି/ସୁପାରିଶମାନ କରିଛନ୍ତି ?

----

## ବ୍ୟୟ ବରାଦ ବିବରଣୀ ପ୍ରଦାନ

2191 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ଫେବୃୟାରୀ 28, 2026 ସୁଦ୍ଧା ବଜେଟ୍ ଅନୁମୋଦିତ ଅର୍ଥର କେତେ କେତେ ଶତାଂଶ ଖର୍ଚ୍ଚ କରିପାରିଛନ୍ତି ତାର ଏକ ବିଭାଗୱାରୀ ବିବରଣୀ ଦେବେ କି, (ଖ) ପ୍ରଶାସନିକ ବ୍ୟୟ ଓ କାର୍ଯ୍ୟକ୍ରମ ବ୍ୟୟ ଫେବୃୟାରୀ 28, 2026 ସୁଦ୍ଧା କେତେ କେତେ ଶତାଂଶ ଖର୍ଚ୍ଚ ହୋଇପାରିଛି ?

----

## ସରକାରୀ ଜମି ବିକ୍ରି ସମ୍ପର୍କରେ

2192 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱର ସ୍ଥିତ ୟୁନିଟ୍ ୨ ଅଞ୍ଚଳରେ ରାଜମହଲ ଠାରୁ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଥିବା ସରକାରୀ ଜମିକୁ ରାଜ୍ୟ ସରକାର ଏକ ଘରୋଇ ସଂସ୍ଥାକୁ ଦେଇଥିବା ଅଭିଯୋଗ ସତ୍ୟ କି, କେଉଁ ମସିହା ଠାରୁ କେତେ ପରିମାଣର ଜମି କେତେ ଅର୍ଥରେ ବିକ୍ରି ବା ଲିଜ୍ ଦେଇଛନ୍ତି ?

----

## ଆର.ଏଫ.ଏସ୍.ଏଲ୍ କାର୍ଯ୍ୟାଳୟ ଖୋଲିବା

2193 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାର କେ.ବି.କେ ଅଂଚଳର ଜୟପୁର ଠାରେ ଗୋଟିଏ ଆର.ଏଫ.ଏସ୍.ଏଲ୍ କାର୍ଯ୍ୟାଳୟ ଖୋଲିବେ କି, ଯାହାଫଳରେ କେ.ବି.କେ. ଅଂଚଳର ଲୋକମାନଙ୍କର ପୁଲିସର ଅପରାଧ ତଦନ୍ତ ପ୍ରକ୍ରିୟା ସୁବିଧା ହୋଇଥାନ୍ତା ,ଏହାପାଇଁ ସରକାର ଦୃଷ୍ଟି ଦେବେ କି ?

----

## New Odisha IT Policy

2194 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- IT companies facing severe infrastructure crunches, power outages and water crises in Karnataka and rising cyber threats in Telangana; in light of this, how is our new Odisha IT Policy 2025 capitalising on these failures of these states to attract major investors to Bhubaneswar; Furthermore, can the Govt. assure that Odisha will remain free of the 'Policy Paralysis' seen in those states?

----

## Disposal of grievances

2195 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Under MO Sarkar and CM's weekly grievance hearings have restored direct people-officer accountability, achieving 91-96% resolutions, contrasting previous govt's bureaucrat-dominated ignored constituents for 24 years; will the govt. release district-wise Mo Sarkar compliance data showing Satyabadi's gains and how does Odisha's grievance disposal surge (from 62k to 82k monthly) outperform Telangana's persistent delays?

----

## ଡେପୁଟେସନରେ ପଠାଯାଇଥିବା ସମ୍ପର୍କରେ

2196 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କଟକସ୍ଥିତ 6th BNOSAP କାର୍ଯ୍ୟାଳୟରୁ କେଉଁ ପଦାଧିକାରୀ ଓ ସିପାହୀ ମାନଙ୍କୁ କେବେଠାରୁ କେଉଁ କାର୍ଯ୍ୟାଳୟକୁ କେଉଁ କାରଣ ପାଇଁ ଡେପୁଟେସନରେ ପଠାଯାଇଅଛି, ସେମାନଙ୍କର ନାମ ଓ କାର୍ଯ୍ୟକାଳର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି, (ଖ) କଟକର କେଉଁ ସିପାହୀମାନଙ୍କ ନାମରେ ଅଦ୍ୟାବଧି କେଉଁ ଠାରୁ କେତୋଟି ଅଭିଯୋଗ ଓ R.T.I. ତଥ୍ୟ ମାଗାଯାଇଅଛି ତାର ସମସ୍ତ ବିବରଣୀ ଦେବା ସହ, ସେମାନଙ୍କୁ ଗୋଟିଏ ସ୍ଥାନରେ ଡେପୁଟେସନରେ ଅଣାଯାଇ କାର୍ଯ୍ୟ କରାଯାଉଅଛି ଏବଂ ସେମାନଙ୍କୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାନଯିବାର କାରଣ କଣ ?

----

## ମୋବାଇନ ଟାୱାରର ବିବରଣୀ

2197 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନ ମଣ୍ଡଳୀରେ କେତୋଟି ମୋବାଇଲ ଟାୱାର 4G ଓ 5G କେଉଁ ସଂସ୍ଥା ଦ୍ୱାରା ଅଛି ତାହାର ଏକ ବିବରଣୀ ଗ୍ରାମୱାରୀ ଲିଷ୍ଟ ଦେବା ସହ କେତୋଟି ରାଜସ୍ୱ ଗ୍ରାମକୁ ମୋବାଇଲ ଟାୱାରର ନେଟୱାର୍କ ପାଉନାହିଁ ତାହାର ଏକ ବିବରଣୀ ଦେବା ସହ ସେହି ଗ୍ରାମକୁ ନୂତନ ମୋବାଇଲ ଟାୱାର ବସାଇବାର ପ୍ରସ୍ତାବ ଗ୍ରହଣ କରିବେ କି, ମୋବାଇଲ ଟାୱାର ଥିବା ସତ୍ତ୍ୱେ କେଉଁ ସ୍ଥାନରେ ପୂର୍ଣ୍ଣ ଭାବରେ କେଉଁ କାରଣ ପାଇଁ କାର୍ଯ୍ୟକାରୀ ହେଉନାହିଁ ?

----

## Conduct of Examination

2198 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Considering the overwhelming turnout of over 9,000 aspirants for just 187 home guard posts in the Sambalpur recruitment exercise of December 2025, can the Government provide the ratio of

applicants to available posts in all districts, the qualification profile of candidates, and what steps the Govt. has taken to ensure orderly, transparent, and safe conduct of such mass examinations in future?

----

## AI -Driven Project

**2199 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Health Department initiated an AI-driven maternal and Child Health monitoring system in Rayagada; What are the early outcome indicators (e.g., reduction in MMR/IMR) from this pilot after six months of implementation?

----

## ରାୟଗଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟବୀମା କାର୍ଡ଼

**2200 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆୟୁଷ୍ମାନ ଭାରତ ଯୋଜନାରେ ମିଳୁଥିବା ସ୍ୱାସ୍ଥ୍ୟ ବୀମା କାର୍ଡ ରାୟଗଡା ଜିଲ୍ଲାରେ କେତେ ଜଣ ହିତାଧିକାରୀଙ୍କୁ ବର୍ତ୍ତମାନ ସୁଧା ମିଳିସାରିଛି ଓ ଆଉ କେତେ ଜଣଙ୍କୁ ମିଳିବାର ଯୋଜନା ଅଛି, ଏହି ସ୍ୱାସ୍ଥ୍ୟ ବୀମାକାର୍ଡ ଏବଂ ସାମ୍ବାଦିକଙ୍କୁ ଯୋଗାଇ ଦିଆଯାଇଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ ମଧ୍ୟରେ କଣ କଣ ପାର୍ଥକ୍ୟ ରହିଛି କହିବେ କି?

----

## ରାୟଗଡ଼ା ଜିଲ୍ଲାରେ ଅଧିକାରୀଙ୍କ ବିରୋଧରେ ଅଭିଯୋଗ

**2201 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଗୋଟିଏ ପଦବୀରେ ରହିଥିବା ଅଧିକାରୀଙ୍କ ବିରୋଧରେ କୌଣସି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି କି ଯଦି ହଁ ସେ ସମ୍ପର୍କରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି; (ଖ) କେତେକ ଅଧିକାରୀ ବଦଳୀ ହେବା ପରେ ପୁନଶ୍ଚ ସେହି ସମାନ ଜିଲ୍ଲା ବା କାର୍ଯ୍ୟାଳୟକୁ ଫେରି ଆସୁଥିବା ସରକାରଙ୍କ ନଜରକୁ ଆସିଛି କି, ଏଭଳି ପ୍ରକ୍ରିୟାକୁ ରୋକିବା ପାଇଁ ସରକାର କି ବ୍ୟବସ୍ଥା ଗ୍ରହଣ କରିଛନ୍ତି, ଏବଂ ବଦଳି ନୀତିକୁ କଡ଼ାକଡ଼ିଭାବେ ପାଳନ କରିବା ପାଇଁ ସରକାର କୌଣସି ଅନଲାଇନ ଟ୍ରାନ୍ସଫର ମନିଟରିଂ ସିଷ୍ଟମ ଲାଗୁ କରିବାକୁ ଯୋଜନା ରଖିଛନ୍ତି କି ?

----

## ଭିତ୍ତିଭୂମି ଉନ୍ନୟନ

**2202 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟକୁ OSWAS ମାଧ୍ୟମରେ ସଂଯୋଗ ପାଇଁ କି ଭିତ୍ତିଭୂମୀ ଉନ୍ନୟନ କରାଯାଇଛି ଓ ଏହି ପ୍ରକ୍ରିୟା କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

----

## ଆଉଟ୍ ସୋର୍ସିଂ ନିଯୁକ୍ତି

**2203 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ SCB Medical College Hospital, AHH Cancer Institute, Dental Wing ରେ କେଉଁ outsourcing ସଂସ୍ଥା ମାଧ୍ୟମରେ ବିଗତ ତିନି ବର୍,ରେ କେଉଁ ମାନଙ୍କୁ କେତେ ପାରିଶ୍ରମିକ ଓ ଆନୁସଙ୍ଗିକ ସୁବିଧା ପ୍ରଦାନ କରାଯାଇ ନିୟୋଜନ କରାଯାଇଛି ତାହାର ନାମୱାରୀ ତାଲିକା ପ୍ରଦାନ କରିବେ କି ?

----

## ବାଙ୍କୋଇ ଓ ତାଳତୋଳା ଫାଣ୍ଡି ପ୍ରତିଷ୍ଠା ସହ ପୂର୍ଣ୍ଣକାଳୀନ ଥାନାର ମାନ୍ୟତା ଦେବା ସମ୍ପର୍କରେ

**2204 ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବେଗୁନିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଙ୍କୋଇ ଫାଣ୍ଡିକୁ ପୂର୍ଣ୍ଣକାଳୀନ ଥାନାର ମାନ୍ୟତା ସହିତ ତାଳତୋଳାଠାରେ ଏକ ପୋଲିସ୍ ଫାଣ୍ଡି ପ୍ରତିଷ୍ଠା ପାଇଁ ସରକାର ଦୃଷ୍ଟି ଦେବେ କି ?

----

## ବୋଚଲମା CHC ରେ ପରୀକ୍ଷା ପାଇଁ ଆବଶ୍ୟକୀୟ ଉପକରଣ ଯୋଗାଇବା ସମ୍ପର୍କରେ

**2205 ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବେଗୁନିଆ ନିର୍ବାଚନ ମଣ୍ଡଳୀର ବେଗୁନିଆ ବ୍ଲକ ଅଧିନରେ ଥିବା ବୋଚଲମା CHCକୁ ପ୍ରତି ଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି, ସେଠାରେ ultrasound, MRI ଓ CT Scan ଆଦି ପରୀକ୍ଷାର ସୁବିଧା ନଥିବାରୁ ରୋଗୀମାନଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି, ଏହି CHC ଗ୍ରାମାଞ୍ଚଳରେ ଅବସ୍ଥିତ ଥିବାରୁ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡିଥାଏ, ତେଣୁ ସେଠାରେ ବିଭିନ୍ନ ପରୀକ୍ଷା ପାଇଁ ଆବଶ୍ୟକ ଉପକରଣ ସୁବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବେ କି ?

----

## ନିଖୋଜ ବାଳିକା ଉଦ୍ଧାର

**2206 ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଜିଲ୍ଲାରେ ବିଗତ ପାଞ୍ଚ ବର୍ଷରେ କେତେଜଣ ବାଳିକା/ନିଖୋଜ ଅଛନ୍ତି ଏବଂ କେତେଜଣ ନିଖୋଜ ଥିବା ବାଳିକା ଉଦ୍ଧାର ହୋଇଛନ୍ତି, ଏହାର ସମସ୍ତ ତଥ୍ୟ ବର୍ଷୱାରୀ ଏବଂ ନିର୍ବାଚନମଣ୍ଡଳୀୱାରୀ ପ୍ରଦାନ କରିବେ କି, ଅବଶିଷ୍ଟ ନିଖୋଜଙ୍କୁ ଉଦ୍ଧାର କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଭିଯୋଗ ପତ୍ରର ତାଲିକା

**2207 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାର ବାସୁଦେବପୁର ନିର୍ବାଚନ ମଣ୍ଡଳୀର Basudevpur ଓ Tihidi Block ରେ 2024, 2025 ଓ 2026 (January-2026) ମାସସୁଦ୍ଧା କେତେଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି, ଏହାର ନାମୱାରୀ ତାଲିକା ପ୍ରଦାନ କରିବେ କି, ଏଥିସହ ଏହି ଅଭିଯୋଗଗୁଡିକ ମଧ୍ୟରୁ କେତୋଟି ସମାଧାନ ହୋଇଛି ଓ କେତେଗୋଟି ବିଚାରଧିନ ରହିଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଟ୍ରାଫିକ ଆଉଟପୋଷ୍ଟରେ ବ୍ୟବସ୍ଥା

**2208 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଉଦଳା N.A.C ଠାରେ ଟ୍ରାଫିକ ଆଉଟପୋଷ୍ଟ ର ବ୍ୟବସ୍ଥା କେବେ ସୁଦ୍ଧା ହେବ ଏବଂ ଉଦଳା ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ଏକ Out Post ର ବ୍ୟବସ୍ଥା କରିବେ କି ?

----

## Steno/PA ମାନଙ୍କର ନାମ ତାଲିକା ପ୍ରଦାନ

**2209 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କଟକ General Police D.G. ଙ୍କ ଅଫିସ୍ ପରିସର ମଧ୍ୟରେ ଥିବା ସମସ୍ତ I.G.,D.G.,Addl D.G. ଏବଂ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ଅଫିସରେ କେଉଁ କେଉଁ ମାନେ Steno/PA ପଦବୀରେ କେଉଁ କେଉଁ Date ରେ କେଉଁ କେଉଁ ଅଧିକାରୀମାନଙ୍କ ପାଖରେ କେବେ ଠାରୁ କାମ କରୁଛନ୍ତି ?

----

## ଔଷଧ ଓ ଯନ୍ତ୍ରପାତି ଯୋଗାଣ

**2210 ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ ) ରାଜ୍ୟ ଔଷଧ ନିଗମରୁ ସୋରୋ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ PHC ଓ CHC କୁ ଗତ ୩ ବର୍ଷ ମଧ୍ୟରେ କେତେ ଟଙ୍କାର କି କି ଚିକିତ୍ସା ସାମଗ୍ରୀ ଓ ଆଧୁନିକ ଯନ୍ତ୍ରପାତି କିଣି ଯୋଗାଇଛନ୍ତି ଓ ଓଡିଶା ମେଡିକାଲ କର୍ପୋରେସନ ଲିମିଟେଡ କେତେ ଟଙ୍କାର କି କି ଉନ୍ନତ ଧରଣର ଯନ୍ତ୍ରପାତି, ଚିକିତ୍ସା ମେସିନ ବିଭିନ୍ନ ମେଡିକାଲକୁ ଯୋଗାଉଛି, ବିଭିନ୍ନ ସରକାରୀ ମେଡିକାଲମାନଙ୍କରେ MRI, CT Scan, ECG, ECO ମେସିନ ଓ ଅନ୍ୟାନ୍ୟ ବାୟୋମେଡିକାଲ ଉପକରଣ ଯୋଗାଇବା ସେସବୁର fitting, Running ପାଇଁ ଓ ମରାମତି ପାଇଁ ପ୍ରଶିକ୍ଷିତ Expert ମାନଙ୍କୁ ନିଯୁକ୍ତି ଦେବା, ମେସିନ ଗୁଡିକର Total Run କରାଇବା ଏବଂ Warranty Period ମଧ୍ୟରେ ଅପଡେଟ କରାଇବା ପାଇଁ କେଉଁ କେଉଁ ସଂସ୍ଥାକୁ ଦାୟିତ୍ୱ ଦେଇଛନ୍ତି, ସେହିପରି PHC ଓ CHC କୁ କେତେ ପ୍ରକାର ଔଷଧ କେତେ ଟଙ୍କାର ଔଷଧ ଓ କେତେ ପରିମାଣରେ କେଉଁଠୁ କିଣୁଛନ୍ତି, ସବୁ ଡାକ୍ତରଖାନାରେ ଔଷଧର ଅଭାବ ରହୁଥିବା ସତ୍ୟ କି, (ଖ) ସୋରୋ ମୁନସିପାଲିଟି ର ତୁଣ୍ଡପଡା ଠାରେ ଡିସେନାସେରୀ ନିର୍ମାଣ ପରେ ବି କାର୍ଯ୍ୟକ୍ଷମ ନ ହେବାର କାରଣ କଣ ?

----

## Model Police Station କରିବା ପାଇଁ ପଦକ୍ଷେପ

2211 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସୋରଡା Police Station ଏହି ଅଞ୍ଚଳର ଏକ ପୁରାତନ Police Station ଅଟେ ଏବଂ Model Police Station ପାଇଁ ଏଠାରେ Moden Infrastructure Citizen- Centric areas , Operational Space Administrative Staff facilities Technology Crime & Criminal Tracking Network & System (CCTN) ଇତ୍ୟାଦି ଆବଶ୍ୟକତା ରହିଛି ରାଜ୍ୟସରକାର ଏହି ଥାନାକୁ ଏକ Model Police Station କରି ଆବଶ୍ୟକ କୋଠା ଓ ଅନ୍ୟାନ୍ୟ ସୁବିଧା ଦେବା ପାଇଁ କେବେ ସୁଦ୍ଧା ପଦକ୍ଷେପ ନେବେ ?

----

## ପାଇଥିବା ଅର୍ଥର ବିବରଣୀ

2212 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ୨୦୨୪ - ୨୦୨୫ ଏବଂ ୨୦୨୫ - ୨୦୨୬ ଆର୍ଥିକ ବର୍ଷ ରେ କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ କେଉଁ କେଉଁ ଶୀର୍ଷକରେ ଏବଂ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ଟଙ୍କାର ଅନୁମୋଦନ ମିଳି ଥିଲା, ଏବଂ ସେଥିରୁ କେତେ ଟଙ୍କା ରାଜ୍ୟ ସରକାର ପାଇଛନ୍ତି ?

----

## ଥାନା, ଫାଣ୍ଡିର ସଂଖ୍ୟା

2213 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଏବେ କେତେଗୋଟି ଥାନା, ଫାଣ୍ଡି, ଉପଖଣ୍ଡିୟ ଓ ଜିଲ୍ଲା ପୋଲିସ କାର୍ଯାଳୟ ରହିଛି, ସେଥିମଧ୍ୟରୁ କେତୋଟିରେ ସିସି ଟିଭି ଲଗାଯାଇଛି ତାର ସବିଶେଷ ଜିଲ୍ଲା ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ସାଇବର କ୍ରାଇମ ରୋକିବାକୁ ପଦକ୍ଷେପ

2214 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଦିନକୁ ଦିନ ସାଇବର କ୍ରାଇମ୍ ବଢି ଚାଲିଥିବା ଦୃଷ୍ଟିରୁ ଏହାକୁ ରୋକିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ଏବଂ ଏଥିପାଇଁ କି ଭିତ୍ତିଭୂମି ସୃଷ୍ଟି କରିଛନ୍ତି ଜଣାଇବା ସହ, ରାଜ୍ୟରେ ଅଦ୍ୟାବଧି କେତେ ସାଇବର କ୍ରାଇମ୍ କେସ୍ କେଉଁ ଥାନାରେ ରେଜିଷ୍ଟ୍ରେସନ ହୋଇଛି, କେତେ କେସ୍‌ରେ ଦୋଷୀମାନେ ଦଣ୍ଡ ପାଇଛନ୍ତି ତାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

## Delay in Completion of New PHCs

2215 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- There are various new PHC buildings waiting for completion but due to monopoly of contractor the final stage of completion getting more times, Will the Govt. look after the causes of delay ?

----

## ଫାଣ୍ଡି ପ୍ରତିଷ୍ଠା

2216 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀର ବେତନଟୀ ବ୍ଲକର ଅଁଳା ହରିପୁର ଓ ବଳମା କଳମାଠାରେ ହେବାକୁ ଥିବା ଫାଣ୍ଡି କେବେ ସୁଧା ହେବ ଜଣାଇବେ କି ସରକାର ଆଇନ ଶୃଙ୍ଖଳା ପରିସ୍ଥିତି କୁ ଦୃଷ୍ଟିରେ ରଖି ଏହି ଦୁଇଟି ଫାଣ୍ଡିକୁ କରିବାର ବ୍ୟବସ୍ଥା କରିବେ କି ?

----

## ଅଭିଯୋଗ ଶୁଣାଣି

2217 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାସ୍ଥ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ 2023-2024,02024-2025 3 2025-202ରେ କେତେ ଅଭିଯୋଗ ଆସିଥିଲା, ସେଥି ମଧ୍ୟରୁ କେତେ ଗୋଟି ଅଭିଯୋଗର ସୁଫଳ ମିଳିଛି ଏବଂ କେତେ ଗୋଟି ଅଭିଯୋଗର ସୁଫଳ ମିଳିପାରି ନାହିଁ, ଏହା କେଉଁ କାରଣରୁ ମିଳି ପାରି ନାହିଁ ?

----

## ଅଭିଯୋଗ ସମାଧାନ

2218 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ, ଜିଲ୍ଲା, ବ୍ଲକ୍ ଓ ସହରୀୟ ସ୍ଥାନୀୟ ସଂସ୍ଥା (ULB) ସ୍ତରରେ ପ୍ରାପ୍ତ ମୋଟ ଲୋକ ଅଭିଯୋଗ, ନିରାକରଣ କରାଯାଇଥିବା, ପ୍ରତ୍ୟାଖ୍ୟାନ କରାଯାଇଥିବା ଓ ବକେୟା ଥିବା ଅଭିଯୋଗ ସମ୍ପର୍କରେ ବର୍ଷ ଅନୁସାରେ ତଥ୍ୟ ଦେବେ କି, ପ୍ରତ୍ୟେକ ସ୍ତରରେ ଅଭିଯୋଗ ନିରାକରଣ ପାଇଁ ଦାୟୀ ଅଧିକାରୀଙ୍କ ପଦବୀ କଣ, ଅଭିଯୋଗ ନିରାକରଣ ପାଇଁ ନିର୍ଦ୍ଧାରିତ ସମୟସୀମା କେତେ ଓ ସାଧାରଣତଃ ଏହାକୁ ସମାଧାନ କରିବାରେ କେତେ ସମୟ ଲାଗୁଛି, ତଳସ୍ତରରେ ସମୟବଦ୍ଧ ଓ ଦାୟିତ୍ୱନିଷ୍ଠ ଅଭିଯୋଗ ନିରାକରଣ ବ୍ୟବସ୍ଥା ରହିଛି କି, ଯଦି ହଁ, ତାର ତଥ୍ୟ ସହିତ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## Traffic Section ଗଠନ

2219 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର police ର କର୍ମଚାରୀ ସଂଖ୍ୟା କେତେ, ଥାନା 13 ରୁ 17 ସଂଖ୍ୟା ବଢିବା ସତ୍ତ୍ୱେ ପୋଲିସ ସଂଖ୍ୟା ନ ବଢ଼ିବା କାରଣ କଣ, ଏହି କର୍ମଚାରୀ ମାନଙ୍କ ପାଇଁ ଭିତ୍ତିଭୂମି ଯଥା quarter ଅନୁପାତ ହାର କେତେ, 10,20,30 bars RACP ଲାଗୁ ହୋଇଛି କି, କନଷ୍ଟେବଲ ଜଣେ ହାବିଲଦାର ହେବା ପରେ କେତେ ବର୍ଷ ରେ ପୁଣି ପଦଉନ୍ନତି କରାଯାଉଛି ବରଣୀ ଦେବେ କି, ଗୁଣୁପୁର ମୁନିସିପାଲିଟିରେ Traffic ସମସ୍ୟା ଦୂର ପାଇଁ Traffic Section ଗଠନ କରାଯିବା ପାଇଁ ଯୋଜନା କରିଛନ୍ତି କି, ଯଦି ନାହିଁ ତେବେ Traffic ସେକ୍ସନ କେବେ କରିବେ ?

----

## Funds allocation of funds

2220 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- In the name of Amco Simco Saheed Pitha, how much funds has been allocated till date and how much funds has been utilized under what's schemes and which departments?

----

## IDF ଅର୍ଥ ବରାଦ ପ୍ରଣାଳୀ

2221 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2025-26 ମସିହା ପାଇଁ 725 ଗୋଟି ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ 651933 ଲକ୍ଷ ଟଙ୍କା ଅନୁମୋଦନ କରାଯାଇଅଛି (IDF) କି ; କଳାହାଣ୍ଡି ଜିଲ୍ଲାରେ ବିଶେଷ କରି ନର୍ଲା ନିର୍ବାଚନ ମଣ୍ଡଳୀର ଅନ୍ୟାନ୍ୟ ନିର୍ବାଚନ ମଣ୍ଡଳୀ ଅପେକ୍ଷା ବହୁତ କମ୍ ଅର୍ଥ ବ୍ୟୟ ବରାଦ କରାଯାଇଅଛି କି ; IDF ଅର୍ଥ ବରାଦ ପ୍ରଣାଳୀ କଣ?

----

## IDF ପ୍ରକଳ୍ପ ପାଇଁ ପ୍ରସ୍ତାବ

2222 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- IDF 2025-26 ପାଇଁ ନର୍ଲା ନିର୍ବାଚନ ମଣ୍ଡଳୀର ସ୍ଥାନିତ ହୋଇଥିବା ପ୍ରକଳ୍ପ ପାଇଁ କିଏ ପ୍ରସ୍ତାବ ଦେଇଛନ୍ତି ; IDF ନିୟମାବଳୀ ଅନୁଯାୟୀ କିଏ ପ୍ରସ୍ତାବ ଦେବା ପାଇଁ ଯୋଗ୍ୟ ଉତ୍ତର ରଖିବେ କି?

----

## ଠିକା ନିଯୁକ୍ତିରେ ଲକ୍ଷାଧିକ ଟଙ୍କା ଆଦାୟ

2223 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଠିକା ନିଯୁକ୍ତି ସଂସ୍ଥା ଦ୍ୱାରା ବିଭିନ୍ନ ବିଭାଗରେ ଚୁକ୍ତିନାମା ଅବଧି ପର୍ଯ୍ୟନ୍ତ ନିଯୁକ୍ତି ଦେଇ indirectly ସଂସ୍ଥାମାନଙ୍କ ଜରିଆରେ ବିଭାଗୀୟ ଅଧିକାରୀମାନେ ଲକ୍ଷାଧିକ ଟଙ୍କା ଉତ୍କୋଚ ନେଉଥିବା ଖବର ସରକାର ଅବଗତ ଅଛନ୍ତି କି ; ରାଜ୍ୟର ସଡକ ପରିବହନ ନିଗମରେ ସିକୁରିଟି ଓ ହାଉସ କିପିଙ୍ଗରେ ଜଣଙ୍କ ଠାରୁ 50 ରୁ 60 ହଜାର ଲେଖାଏଁ ଆଦାୟ କରିଥିବା ଘଟଣା ସତ୍ୟ କି ; ଏଥିପାଇଁ ଭିଜିଲାନ୍ସ ତଦନ୍ତ କରାଇବେ କି ; (ଖ) କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଅନେକ ଠିକା ସଂସ୍ଥା ବିଭିନ୍ନ ବିଭାଗରେ ଠିକା କର୍ମଚାରୀ ନିଯୁକ୍ତି ଦେବା ସମୟରେ ଚାକିରୀ ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଆଦାୟ କରୁଛନ୍ତି ; ଏଥିପ୍ରତି ସରକାର ଅବଗତ ଅଛନ୍ତି କି ଓ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି?

----

## Pending rural projects

2224 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- The Government repeatedly states fiscal discipline, yet key rural development schemes are stalling ; How many sanctioned projects under investment-linked rural programmes (with approved funds) remain uninitiated in Western Odisha due to "cash management constraints"; Provide numbers and exact details?

----

## ଶାଖା ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ

2225 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ସ୍ଥାନରେ ରାଷ୍ଟ୍ରାୟତ ବ୍ୟାଙ୍କର ଶାଖା ପ୍ରତିଷ୍ଠା କରିବା ପାଇଁ ବିଭାଗ ନିକଟରେ ପ୍ରସ୍ତାବ ରହିଛି ତାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; କେନ୍ଦୁଝର ଜିଲ୍ଲାର ପାଟଣା ନିର୍ବାଚନ ମଣ୍ଡଳୀର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦେଇପଶି, ମଲ୍ଲିପଶି, ଖିରେଇଟାଙ୍ଗିର, ବାଉଁଶୁଣୀ, ଯମୁନାପଶି ଠାରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକର ଶାଖା ପ୍ରତିଷ୍ଠା ନିମନ୍ତେ ବିଭାଗ ପଦକ୍ଷେପ ଗ୍ରହଣ କରିବେ କି?

----

## ସେସ୍ ଆରୋପ କରିବାକୁ ପ୍ରସ୍ତାବ

2226 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ସମ୍ପ୍ରତି Supreme Court of India ଦ୍ୱାରା ରାଜ୍ୟମାନଙ୍କୁ ଖଣିଜ ସମୃଦ୍ଧ ଜମି ଉପରେ ସେସ୍/କର ଆରୋପ କରିବାକୁ ଅନୁମତି ଦେବା ସମ୍ବନ୍ଧୀୟ ରାୟର ପ୍ରଭାବ ସମ୍ବନ୍ଧରେ ଓଡ଼ିଶା ସରକାର କି ଅଧ୍ୟୟନ କରିଛନ୍ତି ; (ଖ) ରାଜ୍ୟର ଅକର ଆୟ (Non-Tax Revenue) ବୃଦ୍ଧି ପାଇଁ ସରକାର ଏହିପରି ସେସ୍ ଆରୋପ କରିବାକୁ କୌଣସି ପ୍ରସ୍ତାବ ରଖିଛନ୍ତି କି ; ଯଦି ନାହିଁ ତାହାର କାରଣ କଣ?

----

## ନବଗଠିତ ଓଡିଶା ବିକାଶ ପରିଷଦ ପାଇଁ ହୋଇଥିବା ଖର୍ଚ୍ଚ

2227 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନବଗଠିତ ଉତ୍ତର ଓଡିଶା ବିକାଶ ପରିଷଦ ପାଇଁ 2025-26 ଆର୍ଥିକ ବର୍ଷର ବଜେଟରେ 200 କୋଟି ଟଙ୍କାର ପ୍ରାବଧାନ ହୋଇଥିଲା ; ଏଥିରୁ କେତେ ଟଙ୍କା କେଉଁଠି ଖର୍ଚ୍ଚ ହୋଇଛି ; ଯଦି ଖର୍ଚ୍ଚ ହୋଇନାହିଁ, ବଳକା ଅର୍ଥ ଚଳିତ ଆର୍ଥିକ ବର୍ଷର ବଜେଟରେ ରଖାଯିବ ନା ଫେରାଇ ଦିଆଯିବ ; ପରିଷଦର ଅର୍ଥ ଖର୍ଚ୍ଚ ପାଇଁ ସରକାର କିଛି ଗାଇଡଲାଇନ୍ ପ୍ରସ୍ତୁତ କରିଛନ୍ତି କି?

----

## ସ୍ୱାଧିନତା ସଂଗ୍ରାମୀ ଭତ୍ତା ପ୍ରଦାନ

2228 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ ସମୁଦାୟ କେତେ କେତେ ଜଣ କେନ୍ଦ୍ର ସ୍ୱାଧିନତା ସଂଗ୍ରାମୀ ଓ ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ଭତ୍ତା ହିତାଧିକାରୀ ଅଛନ୍ତି ତାର ସଂଖ୍ୟା ଦେବେ କି ; (ଖ) କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ବ୍ଲକରେ କେଉଁ କେଉଁ ସ୍ୱାଧିନତା ସଂଗ୍ରାମୀମାନେ କେନ୍ଦ୍ର ଓ ରାଜ୍ୟ ଏବଂ କେନ୍ଦ୍ର ବା ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ଭତ୍ତା ପାଉଛନ୍ତି ସେମାନଙ୍କର ନାମ ଓ ଠିକଣା ପ୍ରଦାନ କରିବେ କି?

----

## ପେନ୍‌ସନ୍ ମଞ୍ଜୁରରେ ବିଳମ୍ୱ

2229 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଶେଷକରି ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟକରି ଅବସର ନେଇଥିବା ଅଧ୍ୟାପକ, ଶିକ୍ଷକ କର୍ମଚାରୀଙ୍କ ପୂର୍ଣାଙ୍ଗ ପେନ୍‌ସନ୍ ମଞ୍ଜୁରରେ ଅହେତୁକ କାଳ ବିଳମ୍ୱ ହେଉଥିବା ଅଭିଯୋଗ ପ୍ରତି ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ପ୍ରତ୍ୟେକ ଅବସରପ୍ରାପ୍ତଙ୍କ ପୂର୍ଣାଙ୍ଗ ପେନ୍‌ସନ୍ ମଞ୍ଜୁରୀ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Debt trajectory projections

2230 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Despite inheriting Rs 1.26 lakh crore debt (rising to Rs 1.34 lakh cr projected), present government governance maintains debt-to-GSDP at healthy 12.7% with interest ratio at 2.87%, far below limits, while announcing Budget Stabilisation Fund against mining revenue volatility (41% of own revenue); the details of operational framework and corpus target for Stabilisation Fund under current regime; Diversification progress from mining dependency via property tax/tourism/IT, contrasting past over- reliance; 5-year debt trajectory projections, affirming present government's prudent management ?

----

## ଅନୁଦାନ ବିବରଣୀ

2231 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଆର୍ଥିକ ବର୍ଷ 2023-24, 2024-25 ଓ 2025-26 ସରକାର ବିଭିନ୍ନ କ୍ଷେତ୍ରରେ କେତେ ଅନୁଦାନ ଦିଆଯାଇଛି ଓ କେତେ ଖର୍ଚ୍ଚ ହୋଇଛି ଜିଲ୍ଲାୱାରୀ ବିବରଣୀ ଜଣେଇବେ କି ?

----

## PMU ର ତାଲିକା ପ୍ରଦାନ

2232 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ କେତେଗୋଟି PMU (Project Management Unit) କାର୍ଯ୍ୟରତ ଅଛନ୍ତି ଏବଂ PMU କାର୍ଯ୍ୟକରୁଥିବା ପ୍ରକଳ୍ପ/ଯୋଜନା ଗୁଡିକୁ ସରକାର ନିଜ ମାନବ ସମ୍ବଳକୁ ଉପଯୋଗ କରି କାର୍ଯ୍ୟକାରୀ କରିବାକୁ ଅସମର୍ଥ କି ? ବିଭିନ୍ନ ବିଭାଗରେ ନିଯୁକ୍ତ PMUର ତାଲିକା ବିଭାଗ-ୱାରୀ, ଯୋଜନା-ୱାରୀ ତଥ୍ୟ ଦେବା ସହିତ ପ୍ରତି assignment ପାଇଁ ବାର୍ଷିକ ଖର୍ଚ୍ଚର ତଥ୍ୟ ପ୍ରଦାନ କରିବେ କି ?

----

## କେନ୍ଦ୍ର ଅନୁଦାନ ପରିମାଣ

2233 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପ୍ରଧାନ ମନ୍ତ୍ରୀଙ୍କ କେତେଗୋଟି ଯୋଜନା ଆମ ରାଜ୍ୟରେ ଚାଲୁଅଛି ?

----

## ଜେଲ ଖାନା ସ୍ଥାନାନ୍ତର ପାଇଁ ପଦକ୍ଷେପ

**2234 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚମ୍ପୁଆ ଜେଲଖାନାଟି ଚମ୍ପୁଆ ବିଜ୍ଞାପିତ ଅଞ୍ଚଳରେ (NAC) ମଧ୍ୟ ଭାଗରେ ଜେଲ ଖାନାଟି ଅବସ୍ଥାପିତ ଥିବାରୁ ଚମ୍ପୁଆ NAC ର ସମ୍ପ୍ରସାରଣରେ ସଂପୂର୍ଣ୍ଣ ବାଧକ ସାଜିଅଛି, ତେଣୁ ରାଜ୍ୟ ସରକାର

----

## ରାଜ୍ୟ ପୋଲିସ୍ ସଂସ୍କାର ଆଇନ

**2235 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ତାଙ୍କ ପ୍ରକାଶ ସିଂହ ବନାମ କେନ୍ଦ୍ର ସରକାର ରାୟରେ କି କି ସଂସ୍କାର ନିମନ୍ତେ ସୁପାରିଶ କରିଛନ୍ତି ଓ ରାଜ୍ୟ ସରକାରଙ୍କ ପ୍ରଣୀତ ପୋଲସ୍ ସଂସ୍କାର ଆଇନରେ ତନ୍ମଧ୍ୟରୁ କେଉଁ କେଉଁ ସୁପାରିଶ ଗୁଡିକୁ ଅନୁପାଳିତ କରାଯାଇଛି, (ଖ) ଏହି ପୋଲିସ୍ ସଂସ୍ଥାର ଆଇନ ପୁନଃ ସଂଶୋଧନ ହେବାର ପ୍ରସ୍ତାବ ଅଛି କି ?

----

## ପୋଲିସ୍ ହାଉସିଂ ବୋର୍ଡ ଅଧୀନରେ କାର୍ଯ୍ୟ ହେବା ପାଇଁ ପ୍ରସ୍ତାବ

**2236 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱରରେ ପୋଲିସ ହାଉସିଂ ବୋର୍ଡ ଅଧୀନରେ କଣ ସବୁ କାର୍ଯ୍ୟ ହେବା ପାଇଁ ପ୍ରସ୍ତାବ ଅଛି , ବାଲେଶ୍ୱର ଟାଉନ୍ ଥାନାର ନବୀକରଣ ପାଇଁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାର ସ୍ଥିତାବସ୍ଥା କଣ, (ଖ) ବିଗତ ଏକ ବର୍ଷରୁ ଅଦ୍ୟାବଧି ମଧ୍ୟରେ ବାଲେଶ୍ୱର circle ରେ ପୋଲିସ ହାଉସିଂ ବୋର୍ଡ ଅଧୀନରେ ୫ଲକ୍ଷ ଟଙ୍କାର ଛୋଟିଆ କାର୍ଯ୍ୟକୁ ମିଶାଇ କେତେ ଗୋଟି କାର୍ଯ୍ୟ ପାଇଁ କାହାକୁ କେତେ ବିଲ ଦିଆଯାଇଛି ବା କାର୍ଯ୍ୟ ସମ୍ପାଦନ ହୋଇଛି, କାର୍ଯ୍ୟ, ତାରିଖ, agency ନାମ, ଅର୍ଥର ସମ୍ପୂର୍ଣ୍ଣ ବିବରଣୀ ସହ ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଯୋଜନାୱାରୀ ଅର୍ଥ ବ୍ୟୟ ବରାଦ

**2237 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2024-25,2025-26 ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା କେଉଁ କେଉଁ ଯୋଜନା କରାଯାଇଥିଲା ; ଯୋଜନାୱାରୀ ଅର୍ଥ ବ୍ୟୟ ବରାଦ ତାଲିକା ପ୍ରଦାନ କରିବା ସହ କେଉଁ କେଉଁ ଯୋଜନାରେ କେତେ ଅର୍ଥ ବଳକା ରହିଛି ଏବଂ ଖର୍ଚ୍ଚ ହୋଇଛି ତାହାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି?

----

## ଜନମଙ୍ଗଳକାରୀ ଯୋଜନା ପାଇଁ ଅର୍ଥ ବ୍ୟୟବରାଦ

2238 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୦ ମସିହାରୁ ଏଯାବତ ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସେବନର ପାଇଁ କେଉଁ କେଉଁ ସରକାରୀ/ ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଡିଓ) ଆଦିଙ୍କୁ ନିୟୋଜିତ କରାଯାଇଛି ଓ ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ବେଗ ସେକେଟ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି ତାହାର ବର୍ଷରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ସେହିପରି କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକାରର କାର୍ଯ୍ୟକ୍ରମ କରାଯାଇଛି ତାର ସମସ୍ତ ବିବରଣୀ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## Quarter ମରାମତି

2239 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସୋରଡ଼ା Police Station ରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ନିର୍ମିତ Quarter,ଗୁଡ଼ିକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି, ଦୀର୍ଘ ବର୍ଷଧରି ଏହି Quarter ଗୁଡ଼ିକ ବିପଦ ସଙ୍କୁଳ ଅବସ୍ଥାରେ ଅଛି, ନୂତନ Quarter ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆବଶ୍ୟକ ଅନୁଦାନ ବର୍ତ୍ତମାନ ପାଇଁ ଦିଆଯାଇନାହିଁ, ତେଣୁ ରାଜ୍ୟ ସରକାର ଏହି ସବୁ ପୁରାତନ ବିପଦ ସଙ୍କୁଳ Quarter ଗୁଡ଼ିକର Physibility Report ନେଇ କେବେସୁଦ୍ଧା Police କର୍ମଚାରୀ ମାନଙ୍କପାଇଁ ନୂତନ କୋଠା ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବେ ?

----

## କର୍ମଚାରୀ ପଦବୀ ପୂରଣ

2240 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡ଼ିଶା ସଚିବାଳୟରେ ଓଡ଼ିଶା ସଚିବାଳୟ ସେବାରେ କେଉଁ ପଦବୀରେ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟବୀମା

2241 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଗୃହ ବିଭାଗ ଅଧୀନରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟବୀମା ବାବଦରେ ବିଭାଗ କଣ ପଦକ୍ଷେପ ଗ୍ରହଣ କରିଛି ; ପୋଲିସ କର୍ମଚାରୀଙ୍କ ସୁରକ୍ଷିତ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ସ୍ୱାସ୍ଥ୍ୟ ବୀମା ସରକାର ଲାଗୁ କରିବେ କି ; ସେମାନଙ୍କର କାର୍ଯ୍ୟଭାର ପରିମାଣରେ ତାଙ୍କୁ ଉଚିତ ବିଶ୍ରାମ ମିଳୁଛି କି, ଯଦି ନା ତେବେ ଏଦିଗରେ ବିଭାଗ କିଛି ପଦକ୍ଷେପ ନେବେ କି ?

----

## ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟବୀମା

2242 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୪ -୨୫ ଆର୍ଥିକ ବର୍ଷଠାରୁ ଏପର୍ଯ୍ୟନ୍ତ ରାଜ୍ୟରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟବୀମା ସମ୍ପର୍କରେ ସରକାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ଧନଜୀବନ, ଆଇନ ଶୃଙ୍ଖଳା ସବୁ ସ୍ଥାନରେ ସୁରକ୍ଷିତ କରିବାକୁ ସେମାନେ ଅଙ୍ଗିକାର ଥିବା ଓ ଜୀବନକୁ ବାଜି ଲଗାଇ ସ୍ଥାନ, କାଳ, ପାତ୍ର ବିଷୟରେ ନିର୍ଦ୍ଦେଶ ପାଳନ କରୁଥିବା ତଥା ଅନ୍ୟ ରାଜ୍ୟମାନଙ୍କଭଳି ଏଥିଲାଗି ସୁବିଧା, ସୁଯୋଗ ସେମାନଙ୍କୁ ଯୋଗାଇଦେବାକୁ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ତ୍ୱରିତ ନ୍ୟାୟ ପ୍ରଦାନ

2243 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ୧୦ ବର୍ଷରେ କେତୋଟି ରାସ୍ତା ଦୁର୍ଘଟଣା ହୋଇ କେତେ ଜଣ ମୃତାହତ ହୋଇଛନ୍ତି, ତନ୍ମଧ୍ୟରୁ କେତୋଟି କେସ ବର୍ତ୍ତମାନ ସୁଦ୍ଧା ବିଚାରାଧୀନ ଅଛି, କେତୋଟି ଫଇସଲା ହୋଇଛି, ମଟରଯାନ ଦୁର୍ଘଟଣା ମାମଲାର କେଶ ଗୁଡ଼ିକ ଆଶୁ ଫଇସଲା ପୂର୍ବକ ତ୍ୱରିତ ନ୍ୟାୟପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପାତ୍ରପୁରଠାରେ ନୂତନ ଥାନା ସ୍ଥାପନ

2244 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁରଠାରେ ବ୍ଲକ ହେଡ଼କ୍ୱାଟର, ତହସିଲ ଓ ଅନ୍ୟାନ୍ୟ ବହୁ ସରକାରୀ କାର୍ଯ୍ୟାଳୟ ଅବସ୍ଥିତି, ଚଳିତବର୍ଷ ପାତ୍ରପୁରକୁ N.A.C. ର ମାନ୍ୟତା ପ୍ରଦାନ କରିଛନ୍ତି, ଏ ଅଞ୍ଚଳର ଥାନା ଦୀର୍ଘ ୧୩ କି.ମି. ଦୂର ଜରଡ଼ାଠାରେ ରହିଅଛି, ତେଣୁ ଏହି ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ପାତ୍ରପୁରଠାରେ ଏକ ନୂତନ ଥାନା ସ୍ଥାପନ ପାଇଁ ବ୍ୟବସ୍ଥା କରିବେ କି ?

----

## ଅବସରପ୍ରାପ୍ତ ସୈନିକଙ୍କ ଦାବୀପତ୍ର

2245 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲାରେ କେତେ କଣ ସୈନିକ (Miltary) ଯୁଦ୍ଧରେ ପ୍ରାଣ ହାନି ଘଟିଛି, ଜିଲ୍ଲାରେ କେତେ ଜଣ ଅବସରପ୍ରାପ୍ତ ସୈନିକ ଅଛନ୍ତି, ସେମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କଣ ସୁବିଧା ଯୋଗାଇ ଦିଆଯାଇଛି, ସେମାନଙ୍କ ପାଇଁ ଜିଲ୍ଲା ସୈନିକ ବୋର୍ଡ଼ ରହିଛି କି, ଚିକିତ୍ସା ନିମନ୍ତେ ( ECHS) ର ବ୍ୟବସ୍ଥା କରାଯାଇଛି କି, ଏସବୁ ନେଇ ରାୟଗଡ଼ା ଜିଲ୍ଲାରୁ ଅବସରପ୍ରାପ୍ତ ସୈନିକ ସରକାରଙ୍କୁ ଦାବିପତ୍ର ଦେଇଛନ୍ତି କି, କେବେ ସୁଦ୍ଧା ସମସ୍ତ ବ୍ୟବସ୍ଥା କରାଯିବ କହିବେ କି ?

----

## ସିସିଟିଭି କ୍ୟାମେରା ସ୍ଥାପନ

2246 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଣ୍ଟାବାଞ୍ଜି ସହର ଏକ ଜନବହୁଳ ତଥା ବ୍ୟବସାୟୀକ କେନ୍ଦ୍ର ହୋଇଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଯାଇଛି ଏବଂ ବିଶେଷକରି ରାସ୍ତାକଡ଼ରେ ରହୁଥିବା ଦୁଇଚକିଆ ଯାନ ଗୁଡିକ ଚୋରୀ ହେଉଥିବା ଅଭିଯୋଗ ହେଉଛି , ଏଣୁ ସୁଚାରୁ ଟ୍ରାଫିକ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ପରିଚାଳନା ତଥା ଦୁଇଚକିଆ ଯାନ ଗୁଡିକର ଚୋରୀ ରୋକିବାପାଇଁ ସହରର ପ୍ରତ୍ୟେକ ବ୍ଲକ ଏବଂ ସାପ୍ତାହିକ ଓ ଦୈନିକ ବଜାର ତଥା ଅନ୍ୟାନ୍ୟ ମୁଖ୍ୟ ସ୍ଥାନମାନଙ୍କରେ ଉଚ୍ଚ କ୍ଷମତା ସଂପର୍ଣ୍ଣ ସି.ସି ଟିଭି କ୍ୟାମେରା ସ୍ଥାପନ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଟୋଲ ଫ୍ରିନମ୍ବର ସମ୍ପର୍କରେ

2247 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେଉଁ କେଉଁ ବିଭାଗରେ କେଉଁ କେଉଁ ନମ୍ବରକୁ ଟୋଲଫ୍ରି ନଂ ହିସାବରେ ଜନସାଧାରଣଙ୍କ ପାଇଁ ବିଭାଗ ତରଫରୁ ଜାରି ହୋଇଛି ;ଏହି ଟୋଲଫ୍ରି ନମ୍ବର ଆଧାରରେ କେଉଁ ବିଭାଗରେ କେତୋଟି ଅଭିଯୋଗ କେଉଁ ବିଭାଗ ସଫଳତା ପାଇଛି ତାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନା କରିବେ କି; (ଖ) କେଉଁ ଟୋଲଫ୍ରି ନମ୍ବର ଗୁଡ଼ିକ କାର୍ଯ୍ୟ କରୁନାହିଁ ତାର ଏକ ତାଲିକା ଦେବା ସହ ଏଥିପାଇଁ ବିକଳ୍ପ କଣ କରାଯାଇଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିର ନିୟମର ପରିବର୍ତ୍ତନ

2248 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିର ନିୟମରେ ପରିବର୍ତ୍ତନର ଆବଶ୍ୟକ ରହିଛି, ଯେଉଁମାନେ ସରକାରୀ ମେଡିକାଲରେ ଚିକିତ୍ସା ହେଉଛନ୍ତି ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଙ୍କ ସହାୟତା ପାଣ୍ଠିରୁ କିଛି ସାହାଜ୍ୟ ସୁବିଧା ମିଳି ନ ଥାଏ କିନ୍ତୁ ସେମାନଙ୍କୁ ବାହାରୁ ମେଡିସିନ ଓ injection କିଣି ବାକୁ ପଡିଥାଏ ଯାହାକି ଅତ୍ୟନ୍ତ ଖର୍ଚ୍ଚ ବହୁଳ ଅଟେ, ତେଣୁ ଏହି ସମସ୍ୟାର ସମାଧାନ ପାଇଁ ସରକାର କିଛି ପଦକ୍ଷେପ ନେବେ କି ?

----

## କ୍ୱାର୍ଟର ନିର୍ମାଣ ପାଇଁ ହୋଇଥିବା ଖର୍ଚ୍ଚର ତାଲିକା

2249 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ସରକାରୀ କ୍ୱାର୍ଟର ନିର୍ମାଣ କରାଯାଇଛି, ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, ତାହାର ଏକ ଜିଲ୍ଲାୱାରି ତାଲିକା ପ୍ରଦାନ କରିବେ କି, ନିର୍ମାଣ କରାଯାଇଥିବା ସରକାରୀ କ୍ୱାର୍ଟର ଗୁଡ଼ିକ ମଧ୍ୟରୁ କେତେ କ୍ୱାର୍ଟର ବ୍ୟବହାର ନ ହୋଇ ଖାଲି ପଡ଼ିଛି, ଖାଲି କ୍ୱାର୍ଟର ଗୁଡ଼ିକ ବ୍ୟବହାର ହେଉ ନ ଥିବାରୁ ଏହା ଭୁତ କୋଠାରେ ପରିଣତ ହୋଇ ଥିବା ଘଟଣା ସତ୍ୟ କି, ଏ ଦିଗରେ ବିଭାଗ ବର୍ତ୍ତମାନ ସୁଦ୍ଧା କି ପ୍ରକାର ପଦକ୍ଷେପ ଗ୍ରହଣ କରିଛି ?

----

## ପଦବୀ ପୂରଣ

2250 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ଲୋକ ସେବା ଭବନ ଠାରୁ ଧରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସାଧାରଣ ପ୍ରସାଶନ ବିଭାଗ ଅଧିନରେ ସୃଷ୍ଟି କରାଯାଇଥିବା ଉପ ବିଭାଗ ଅଧିକାରୀ (Section Officer) ପଦବୀରୁ ପରବର୍ତ୍ତୀ ପଦୋନ୍ନତି ମେଜ ଅଧିକାରୀ (Desk Officer) ପଦବୀ Group-'B' ବର୍ଗର Gazetted Officer ହୋଇଥିଲେ ମଧ୍ୟ ଏହି ମେଜ ଅଧିକାରୀ ପଦବୀ ସାଧାରଣ ଭାବେ Front Officeରେ କାର୍ଯ୍ୟ କରୁଥିବା Table Clerk/Reception Clerk ପଦବୀକୁ ବୁଝା ପଡୁଥିବାରୁ ଏହାର ପଦ ମର୍ଜଦା ହାନି ହେଉଥିବା ସତ୍ୟ କି, ଯଦି ସତ୍ୟ ତେବେ, ଏହି ଶବ୍ଦକୁ ମେଜ ଅଧିକାରୀ (Desk Officer) ପଦବୀ ଉଠାଇ Section Officer ପରିବର୍ତ୍ତେ Section Officer(Jr) ଏବଂ Desk Officer ପରିବର୍ତ୍ତେ Section Officer(Sr.) ପଦବୀକୁ ପରିବର୍ତ୍ତନ କରିବା ପାଇଁ ନୀତିଗତ ନିଷ୍ପତି ଗ୍ରହଣ କରି ଆବଶ୍ୟକୀୟ ସରକାରୀ ସେବା ଆଇନର ପରିବର୍ତ୍ତନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ କି ?

----

## Final Pension/ Provisional Pension ତୁରନ୍ତ ବ୍ୟବସ୍ଥା କରିବା ସମ୍ପର୍କରେ

2251 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାରୀ ଚାକିରୀରୁ ଅବସର ନେବା ପରେ ସେମାନଙ୍କୁ ସେମାନଙ୍କ ର ସମସ୍ତ ପ୍ରାପ୍ୟ ତଥା Unpaid leave Salary , Unpaid arrears, D.A., G.P.F, community leave etc. ଆଦି ପ୍ରାପ୍ୟ ସହ Final Pension/ Provisional Pension ର ତୁରନ୍ତ ବ୍ୟବସ୍ଥା କରାଇବାକୁ ବିଦ୍ଧି ଅଛି କି, ଉତ୍ତର ହଂ ହେଲେ ଏତାଦୃଶ୍ୟ ରାଜ୍ୟ ଇସ୍ପାତ୍ ଓ ଖଣି ବିଭାଗରେ ତଥା Directorate Mines Department ରେ ତା. 01.11.2024 ରିଖରୁ ତା. 02.02.2025 ରିଖ ମଧ୍ୟରେ ଅବସର ନେଉଥିବା ସରକାରୀ ଅଧିକାରୀ ମାନଙ୍କୁ ଏଥିରେ ବ୍ୟତିକ୍ରମ ହୋଇଥବା ନଜର ରେ ଅଛି କି ?

----

## କରାଯାଇଥିବା ଅଭିଯୋଗ ଉପରେ ପଦକ୍ଷେପ

2252 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେତେକ କ୍ଷେତ୍ରରେ ସରକାର ବୁଲଡୋଜର ଲଗାଇ ବେଆଇନ ଗୃହ ନିର୍ମାଣ ଆଳରେ ଘର ଭାଙ୍ଗୁଥିବାର ଦୃଷ୍ଟିକୁ ଆସିଛି, ଏ ଆଇନ୍ ଗରିବ ଓ ଧନୀ ସମସ୍ତଙ୍କ ପାଇଁ ଲାଗୁ ହେଇଛି, ନା କେବଳ ଗରିବ ଲୋକଙ୍କ କ୍ଷେତ୍ରରେ ଲାଗୁ ହେଇଛି, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପଞ୍ଜିକରଣ ସଂଖ୍ୟା CMO- 20251421552/ତା ୨୫.୧୧.୨୦୨୫ରିଖ ଉପରେ କି ପଦକ୍ଷେପ ନିଆଯାଇଛି ?

----

## ହୋଇଥିବା କାର୍ଯ୍ୟକ୍ରମର ଜିଲ୍ଲାୱାରୀ ତାଲିକା

2253 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ୨୦୨୦ ମସିହାରୁ ଏଯାବତ ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସଚେତନତା ପାଇଁ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ନିୟୋଜିତ କରାଯାଇଛି ଓ ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତି ବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି ତାହାର ବର୍ଷରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ସେହିପରି କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକାରର କାର୍ଯ୍ୟକ୍ରମ କରାଯାଇଛି ତାର ସମସ୍ତ ବିବରଣୀ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଅଭିଯୋଗର ପ୍ରତିକାର ପାଇଁ ଅନଲାଇନ ପୋର୍ଟାଲ

2254 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଲେଶ୍ବର ଜିଲ୍ଲାରେ କେତେ ସଂଖ୍ୟକ ସରକାରୀ କାର୍ଯ୍ୟାଳୟକୁ ଡିଜିଟାଲ୍ କରାଯାଇଛି ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ ଓ ତହସିଲରେ ଜନସାଧାରଣଙ୍କ ସିଧାସଳଖ ଅଭିଯୋଗର ପ୍ରତିକାର ପାଇଁ କେତେ ସଂଖ୍ୟକ ଅନଲାଇନ୍ ପୋର୍ଟାଲ୍ ଅଛି ଓ ସେଗୁଡ଼ିକର ବ୍ୟବହାର ର ହାର କେତେ ?

----

## e-office କାର୍ଯ୍ୟକ୍ଷମ

2255 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାୟଗଡ଼ା ଜିଲ୍ଲାରେ e- office ପ୍ରଣାଳୀ ସମସ୍ତ ଜିଲ୍ଲା ରେ କାର୍ଯ୍ୟକାରି ହେଉଛି କି, ସମସ୍ତ ବ୍ଲକ ଓ ପଂଚାୟତ ରେ କାର୍ଯ୍ୟକାରି ହେଉଛି କି, ଯଦି ନାହିଁ, କେବେ ସୁଦ୍ଧା କାର୍ଯ୍ୟ କ୍ଷମ ହେବ ?

----

## ଇଣ୍ଡିଏନ Methodology ଅନୁଯାୟୀ ଏଆଇ କ୍ଷେତ୍ରରେ ଓଡ଼ିଶାର ସ୍ଥାନ

2256 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଇଣ୍ଡିଏନ methodology ଅନୁଯାୟୀ ଏ ଆଇ କ୍ଷେତ୍ରରେ ସମଗ୍ର ଦେଶରେ ଓଡ଼ିଶା ସ୍ଥାନ କଣ ରହିଛି, ନିକଟ ଅତୀତରେ ଭୁବନେଶ୍ୱରରେ ଇଣ୍ଡିଏନ ଏଆଇ ଏମ୍ପାକ୍ଟ ସମ୍ମିଳନୀ ଆୟୋଜନର ମୂଳ ଲକ୍ଷ୍ୟ କଣ, ଏଥିରେ କେଉଁ କେଉଁମାନେ ଯୋଗ ଦେଇଥିଲେ, ଏଥିପାଇଁ ରଜକୋଷରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ସମ୍ମିଳନୀର ନିର୍ଯ୍ୟାସ କଣ ?

----

## ଜନସଚେତନତା ପାଇଁ ନିୟୋଜନ

2257 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ୨୦୨୦ ମସିହାରୁ ଏଯାବତ ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସଚେତନତା ପାଇଁ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ନିୟୋଜିତ କରାଯାଇଛି ଓ ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତି ବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି ତାହାର ବର୍ଷ ୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ସେହିପରି କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକାରର କାର୍ଯ୍ୟକ୍ରମ କରାଯାଇଛି ତାର ସମସ୍ତ ବିବରଣୀ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## Current status of IT Policy - 2025

2258 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What is the current status and land allocation progress for the eight tier-II digital hubs and the Bhubaneswar Fintech City announced under the Odisha IT Policy 2025, provide dates of approvals, MoUs signed, and private sector commitments ?

----

## AI Camera ସ୍ଥାପନ

2259 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସମେତ କେନ୍ଦୁଝର ଜିଲ୍ଲା ପୌରାଞ୍ଚଳ ଓ ବିଜ୍ଞାପିତ ପରିଷଦ ର ମୁଖ୍ୟ ମାନଙ୍କରେ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଭାଗ ତରଫରୁ LED Screen TV ସହିତ AI Camera ଖଞ୍ଜାଯାଇ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସୂଚନା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## Push for semiconductors

**2260 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is our push for semiconductors, And what steps we have initiated and how we have encouraged the manufacture of semiconductors in our state, (b) is our semi conductor ambition limited, Can semiconductors and finished products both be made in Odisha, What are the advantages for Odisha ?

----

**Name of the Major Schemes**

**2261 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are the major schemes, programmes and activities of Electronics and Information Technology Department being implemented separately by the Central Government, State Government or both the Governments in the State and indicate the ratio of funds sharing thereof, committed allocation of centre and actual receipt by the State during last five financial year including the current financial year ?

----

**Technical of Financial Audit**

**2262 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Is the Government aware that several e-Governance and digital service delivery projects incurred substantial expenditure but failed to achieve full functionality or citizen adoption and will the Govt. inform whether any technical or financial audit has been conducted to assess value for public money ?

----

**Field କର୍ମଚାରୀଙ୍କ ଉପସ୍ଥାପନା ସମ୍ପର୍କରେ**

**2263 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା line କର୍ମଚାରୀ field staff ମେଡିକାଲ ବା ପାରାମେଡିକାଲ କର୍ମଚାରୀ ଗାଁ ଗାଁ ବୁଲି ବୁଲି ଯେଉଁ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି ସେମାନଙ୍କ ଉପସ୍ଥାପନା କେଉଁ ପଦ୍ଧତି ରେ କରାଯାଉଛି, ଆଦିବାସୀ ଦୁର୍ଗମ ଅଂଚଳର ଲୋକଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁବିଧା ମିଳିବା ପାଇଁ field କର୍ମଚାରୀ ଙ୍କ ଉପସ୍ଥାପନା Jeo Tag ବା ସେହିପରି କୌଣସି advance ପ୍ରଣାଳୀ କରାଯାଇଛି କି, ଯଦି ନାହିଁ ତେବେ ସରକାର ସ୍ୱାସ୍ଥ୍ୟ ସେବାରେ ସ୍ୱଛତା ପାଇଁ କଣ କଣ ପଦକ୍ଷେପ ନେଉଛନ୍ତି ?

----

## ସଂରକ୍ଷଣ ବ୍ୟବସ୍ଥା

**2264 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଆସନ୍ତା ଶିକ୍ଷାବର୍ଷରୁ ସରକାରୀ ମେଡିକାଲ୍ କଲେଜଗୁଡିକରେ OBC ଶ୍ରେଣୀ ପାଇଁ ୨୭% ସଂରକ୍ଷଣ କାର୍ଯ୍ୟକାରିତ କରିବାକୁ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି, (ଖ) ଯଦି ହଁ, ତେବେ କେଉଁ ଶିକ୍ଷା ସୂତ୍ରରୁ ଏହା କାର୍ଯ୍ୟକରିତ ହେବ, ଯଦି ନାହିଁ, ବିଳମ୍ବର କାରଣ କଣ, ରାଜ୍ୟରେ SC ଓ ST ଶ୍ରେଣୀଙ୍କ ଜନସଂଖ୍ୟାନୁପାତରେ ମେଡିକାଲ୍ ଶିକ୍ଷାରେ ସଂରକ୍ଷଣର ଶତାଂଶ ପୁନଃବିଚାର କରିବାକୁ ସରକାର ବିଚାର କରୁଛନ୍ତି କି ?

----

## କଳାହାଣ୍ଡି ଜିଲ୍ଲାରେ ଥିବା ଲାଇସେନ୍ସ ପ୍ରାପ୍ତ ତମ୍ବାଖୁ ଓ ଗୁଡାଖୁ କାରଖାନା

**2265 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାରେ କେରୋଟି ଲାଇସେନ୍ସ ପ୍ରାପ୍ତ ତମ୍ବାଖୁ ଓ ଗୁଡ଼ାଖୁ କାରାଖାନା କେଉଁ କେଉଁ ସ୍ଥାନରେ ଅଛି ଏବଂ ଏହି ସବୁ କାରଖାନାରୁ ବାର୍ଷିକ କେତେ ଉତ୍ପାଦନ ହୁଏ ଓ ସରକାରଙ୍କ କେତେ ଟଙ୍କା ରାଜସ୍ୱ ଆଦାୟ କରି ତାହାର ସ୍ଥାନ ଓ କାରଖାନା ୱାରି ବିସ୍ତୃତ ତଥ୍ୟ ଦେବେ କି, ରାଜ୍ୟ ରେ ଗୁଟୁକା ନିଷେଧ ହେଲା ପରେ ଜିଲ୍ଲାରେ ବେଆଇନ ଭାବେ ଚାଲୁଥିବା କାରଖାନା ଉପରେ କି ପଦକ୍ଷେପ ନେଇଛନ୍ତି ?

----

## ଚୁକ୍ତି ଭିତ୍ତିକ କର୍ମଚାରୀଙ୍କ ସଂଖ୍ୟା

**2266 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେଉଁ ପଦବୀରେ କେତେ ସଂଖ୍ୟକ କର୍ମଚାରୀ ଚୁକ୍ତି ଭିତ୍ତିକ ଓ ବାହାର କାର୍ଯନିର୍ବାହୀ ସଂସ୍ଥା ଦ୍ୱାରା ବିଭାଗ ମୁଖ୍ୟାଳୟ ଓ ବିଭାଗ ଅଧୀନରେ ଥିବା ବିଭିନ୍ନ କ୍ଷେତ୍ର ସ୍ତରୀୟ ପ୍ରତିଷ୍ଠାନରେ କେବେ ଠାରୁ କାର୍ଯ୍ୟ କରୁଛନ୍ତି; ତାହାର ଜିଲ୍ଲା ଓ କାର୍ଯ୍ୟନିର୍ବାହୀ ସଂସ୍ଥା ୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି; ଭକ୍ତ ନିଯୁକ୍ତି ପାଇଁ ORV ଆଇନ ଲାଗୁ ହୋଇଥିଲେ କାର୍ଯ୍ୟରତ ସମ୍ପୃକ୍ତ ସମସ୍ତ କର୍ମଚାରୀଙ୍କ ସଂଖ୍ୟା କେଉଁ ବର୍ଗରୁ କେତେ ?

----

## ଚିକିତ୍ସିତ ହୋଇଥିବା ହିତାଧିକାରୀଙ୍କ ସଂଖ୍ୟା

2267 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଦ୍ୟାବଧି କେତେଜଣ ହିତାଧିକାରୀ AB PM-JAY, G JAY and Ayushman Vaya Vandana Yojanaରେ ରାଜ୍ୟ ଭିତରେ ଥିବା କେତେଗୋଟି ହସ୍ପିଟାଲ ଓ ରାଜ୍ୟ ବାହାରେ ଥିବା କେତେଗୋଟି ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି ଓ ଏବାବଦରେ କେତେଟଙ୍କା ବ୍ୟୟ ବରାଦ କରାଯାଇଛି ସେଥିରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ରାଶିର ଅନୁପାତ କେତେ ତାର ସବିଶେଷ ସୂଚନା ପ୍ରଦାନ କରିବେ କି ?

----

## ପ୍ରତ୍ୟକ ଗ୍ରାମ ପଞ୍ଚାୟତରେ Health Sub Centre ନିର୍ମାଣ

2268 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ଯୋଜନା ଅନୁଯାୟୀ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ Health Sub Centre ନିର୍ମାଣ କରିବାକୁ ନୀତିଗତ ନିଷ୍ପତ୍ତି ଥିଲାବେଳେ ଦଳେଶ୍ୱର ବ୍ଲକରେ ଏପର୍ଯ୍ୟନ୍ତ କେଉଁ ଗ୍ରାମ ପଞ୍ଚାୟତ କେଉଁଠାରେ ଏପରି କେନ୍ଦ୍ର ନିର୍ମାଣ କରାଯାଇ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି କେଉଁଠି ଆଂଶିକ ନିର୍ମାଣ ହୋଇଛି କେଉଁଠାରେ ଆଦୌ ନିର୍ମାଣ ହୋଇନାହିଁ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ନିର୍ମାଣ ହୋଇନଥିବା ଗ୍ରାମ ପଞ୍ଚାୟତରେ କେବେ ସୁଦ୍ଧା ନିର୍ମାଣ ହେବ ?

----

## Outsourcing ମାଧ୍ୟମରେ ନିଯୁକ୍ତି

2269 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ Outsourcing ମାଧ୍ୟମରେ କେଉଁ କେଉଁ ପୋଷ୍ଟରେ କେତେ ପିଲାଙ୍କୁ ନିଯୁକ୍ତି ଦିଆଯାଇଛି ସେଥିରୁ ସ୍ଥାନୀୟ ପିଲା କେତେ ଓ ଅନ୍ୟ ଜିଲ୍ଲାରେ କେତେ ପିଲା ନିଯୁକ୍ତି ପାଇଛନ୍ତି; କେଉଁ ସଂସ୍ଥାକୁ ନିଯୁକ୍ତି ଦାୟିତ୍ୱ ଦିଆଯାଇଛି; କେଉଁ ପ୍ରକ୍ରିୟାରେ ନିଯୁକ୍ତି ଦେଇଛି, କେତେ ଟଙ୍କାର Tender ପାଇଛି ; ସମୁଦାୟ କେତେ post ପାଇଁ ସମ୍ପୃକ୍ତ ସଂସ୍ଥା ନିଯୁକ୍ତି ଦିଆଯାଇ ଅଛି ?

----

## ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ

2270 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ କରି ସ୍ୱାସ୍ଥ୍ୟବୀମା କରିବାକୁ ଚିନ୍ତା କରୁଛନ୍ତି କି ଏହା କଲେ ସରକାରଙ୍କ ଉପରେ ସ୍ୱାସ୍ଥ୍ୟବୀମାର ପ୍ରିମିୟମ ବାବଦରେ କେତେ ଟଙ୍କାର ଅତିରିକ୍ତ ବୋଝ ପଡିବ ?

----

## କୁଷ୍ଠ ରୋଗୀଙ୍କ ଥଇଥାନ

2271 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୁଷ୍ଠ ରୋଗୀଙ୍କ ସଂଖ୍ୟା କେତେ କେଉଁ କେଉଁ ଥଇଥାନ କେନ୍ଦ୍ରମାନଙ୍କରେ କେତେଜଣ ଲେଖାଏଁ ବାସ କରୁଛନ୍ତି, ବିଭିନ୍ନ ସହରାଞ୍ଚଳରେ ଗଢି ଉଠିଥିବା କେତେ ବସ୍ତିରେ କେବଳ କୁଷ୍ଠ ରୋଗୀମାନେ ବସବାସ କରୁଛନ୍ତି କୁଷ୍ଠରୋଗୀମାନଙ୍କ ସନ୍ତାନ ସନ୍ତତି ମାନଙ୍କଠାରେ (କେଉଁ ସ୍ଥାନ ମାନଙ୍କରେ) କୁଷ୍ଠ ରୋଗର ଲକ୍ଷଣମାନ ଚିହ୍ନିତ ହୋଇ ନିରାକରଣ ବ୍ୟବସ୍ଥା କରାଯାଇଛି କି, ସେହି ସନ୍ତାନ ସନ୍ତତିଙ୍କର ସଂଖ୍ୟା କେତେ, କୁଷ୍ଠରୋଗ ଜନିତ ବିକଳାଙ୍ଗ ହୋଇଥିବା ସନ୍ତାନ ସନ୍ତତିଙ୍କୁ ଔଷଧର ପ୍ରଭାବ ହୀନତା ଯୋଗୁଁ କି, ବର୍ତ୍ତମାନ ସ୍ଥିତିରେ କେତେଜଣ ସନ୍ତାନ ସନ୍ତତୀ ଏହି ରୋଗର ନିରାକରଣ ପାଇଁ ଚକିତ୍ସିତ ହେଉଛନ୍ତି ?

----

## ଜନସଚେତନତା ପାଇଁ ବ୍ୟୟ ବରାଦ

2272 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୦ ମସିହାରୁ ଏଯାବତ ଏହି ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସଚେତନତା ପାଇଁ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ନିୟୋଜିତ କରାଯାଇଛି ଓ ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି ତାହାର ବର୍ଷୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ସେହିପରି କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକାରର କାର୍ଯ୍ୟକ୍ରମ କରାଯାଇଛି ?

----

## ଛୁଟିରେ ରହିଥିବା ଡାକ୍ତର ମାନଙ୍କୁ କାମରେ ଯୋଗଦେବାକୁ ପଦକ୍ଷେପ

2273 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ରୋଗୀ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ଠୋସ ପଦକ୍ଷେପ କଣ କହିବେ କି, ରାଜ୍ୟର ଲୋକ ସଂଖ୍ୟା ଦୃଷ୍ଟିରୁ କେତେ ଡାକ୍ତର ଆବଶ୍ୟକ ଏବଂ ବର୍ତମାନ କେତେ ଅଛନ୍ତି, କେତେ ଜଣ ଡାକ୍ତର ବିନା କୌଣସି ଅନୁମତି ବା କୌଣସି କାରଣ ନ ଦର୍ଶାଇ ବର୍ଷ ବର୍ଷ ଧରି ଛୁଟିରେ ଅଛନ୍ତି ଓ ଉଚ୍ଚ ଶିକ୍ଷା ପାଇଁ କେତେଜଣ ଛୁଟିରେ ଅଛନ୍ତି ତାହାର ତଥ୍ୟ ଜିଲ୍ଲାୱାରୀ ପ୍ରଦାନ କରିବା ସହ ଡାକ୍ତର ସଂଖ୍ୟା ବୃଦ୍ଧି ପାଇଁ ଓ ନିଯୁକ୍ତି ପାଇଁ ଲମ୍ବା ସମୟ ଛୁଟିରେ ରହିଥିବା ଡାକ୍ତର ମାନଙ୍କୁ ତୁରନ୍ତ କାମରେ ଯୋଗ ଦେବାକୁ ସରକାର ପଦକ୍ଷେପ ନେବେ କି, ସେହିପରି Ad. no 09 of 2024-25 ରେ 1840 ମେଡିକାଲ ଅଫିସର ପଦ ପାଇଁ ସରକାର ନିଯୁକ୍ତି ପରୀକ୍ଷା OPSC ଦ୍ୱାରା କରିଥିଲେ ଓ ସେଥିରେ କୃତ କାର୍ଯ୍ୟ ହୋଇଥିବା ପ୍ରାର୍ଥୀ ମାନଙ୍କର ସମସ୍ତ ପ୍ରକାର ଆନୁସଙ୍ଗିକ କାଗଜ ପତ୍ର OPSC ଭେରିଫିକେଶନ କାମ ପରେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଉ ନଥିବାର କାରଣ କଣ ?

----

## କ୍ୟାନ୍ସର କେୟାର ୟୁନିଟ ସ୍ଥାପନ

2274 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ୍ୟାପିଟାଲ ହସ୍ପିଟାଲରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାର ଅତ୍ୟାଧୁନିକ କ୍ୟାନ୍ସର କେୟାର ୟୁନିଟ ସ୍ଥାପନ ପାଇଁ ୨୦୨୨ ମସିହାରେ ଘୋଷଣା କରିଥିବା ବେଳେ କାମ ମଧ୍ୟ ଆରମ୍ଭ ହୋଇଥିଲା, ହେଲେ ୨୦୨୪ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏବେ ଏହି ନୂତନ ବିଲଡିଂ ଅଧାପନ୍ତରିଆ ହୋଇ ପଡିରହିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ହଁ, କେବେ ସୁଦ୍ଧା ଏହି ନୂତନ ବିଲଡିଂ କାମ ଶେଷ ହୋଇ ରୋଗୀ ସେବାରେ ଲାଗିପାରିବ, ସେ ସମ୍ପର୍କରେ ଅବଗତ କରାଇବେ କି ?

----